## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ମ୍ୟୁଜିକ ଆଲ୍‌ବମ 'ବାଲିଘର' ଉନ୍ମୋଚନ, ପ୍ରେସ୍ କ୍ଲବ, ମାଷ୍ଟର କ୍ୟାଣ୍ଟିନ, ଅପରାହ୍ନ ୪ଟା ୩୦।

**କଟକ**

- ସହରର ମୂର୍ତ୍ତି କାରିଗରଙ୍କ ଏକଜିବିସନ,ନେତାଜୀ ମ୍ୟୁଜିୟମ, ଓଡ଼ିଆ ବଜାର, ପୂର୍ବାହ୍ନ ୧୦ଟା ୩୦।
- ଏଆଇକେକେଏମ୍‌ଏସ ଓ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।

## ସଂକ୍ଷେପରେ

### ବାଘ ମୃତ୍ୟୁ ମାମଲାରେ ଆଉ ଦୁଇ ଗିରଫ

ଆଠଗଡ଼,୧୯।୧(ସ୍ୱ.ପ୍ର.): କଟକ ଜିଲା ଆଠଗଡ଼ ବନଖଣ୍ଡ ସଦର ରେଞ୍ଜର ଡିଗିରିଆ ସେକ୍ସନ ଅଧୀନ ଭିରୁଡ଼ା ବନ୍ଧାଣତଇଲାରେ କଲରାପତରିଆ ବାଘ ମୃତ୍ୟୁ ଘଟଣାରେ ଆଉ ଦୁଇ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ଭିରୁଡା ଗ୍ରାମର ସୁରମା ଜେନା(୪୫) ଓ ପ୍ରମୋଦ ପରିଡ଼ା(୪୮)। ଗତ ୪ ତାରିଖରେ ଡିଗିରିଆ ବନ୍ଧାଣତଇଲାରେ ବାର୍‌ହା ଫାଶରେ ପଡ଼ି ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୂର୍ବରୁ ଦୁଇଜଣ ଗିରଫ ହୋଇଥିଲେ। ବୁଧବାର ଆଉ ଦୁଇ ଗିରଫ ହେବାପରେ ମୋଟ୍ ଗିରଫ ସଂଖ୍ୟା ୪ରେ ପହଞ୍ଚିଛି। ତେବେ ଏହି ମାମଲାରେ ଅଭିଯୁକ୍ତ ଥିବା ଅନ୍ୟ ଦୁଇ ଜଣ ଶିକାରୀଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଆଠଗଡ଼ ରେଞ୍ଜର ଗଜେନ୍ଦ୍ର ପାଲ ସିଂହ ମାଥୁର ସୂଚନା ଦେଇଛନ୍ତି।

### ପ୍ରତିବାଦ କରିବ ବିଜେଡି

**ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବାଦ୍ ପଡ଼ିବା ପ୍ରସଙ୍ଗ**

ଭୁବନେଶ୍ୱର, ୧୯।୧(ବ୍ୟୁରୋ): ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟ ପରେଡ୍‌ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରସ୍ତାବକୁ ଚୟନ କମିଟି ପ୍ରତ୍ୟାଖ୍ୟାନ କରିବା ପରେ ତେଜୁଛି ଅସନ୍ତୋଷ। ବିଜେଡି ଏହାର ପ୍ରତିବାଦ କରିବ ବୋଲି ମୁଖପାତ୍ର ଲେନିନ୍ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୭୩ତମ ସାଧାରଣତନ୍ତ୍ର ଦିବସ ପାଇଁ ଓଡ଼ିଶା ପଠାଇଥିବା ପାଞ୍ଚଟି ପ୍ରସ୍ତାବ ମଧ୍ୟରୁ ପାଇକ ବିଦ୍ରୋହ ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା। କିନ୍ତୁ ତୃତୀୟ ରାଉଣ୍ଡରୁ ଏହା ବାଦ୍ ପଡିଛି। କିନ୍ତୁ କାହିଁକି କଟାଗଲା ସେ ନେଇ କୌଣସି କାରଣ ଜଣାଇ ନାହାନ୍ତି କେନ୍ଦ୍ର ସରକାର। ଅତୀତରେ ଓଡ଼ିଶା ପଠାଇଥିବା ପ୍ରଜ୍ଞାପନ ମେଢ଼କୁ ପ୍ରଶଂସା କରାଯାଇଛି ଓ ପୁରସ୍କୃତ ମଧ ହୋଇଛି। କିନ୍ତୁ ଚଳିତ ବର୍ଷ କୌଣସି କାରଣ ନ ଦର୍ଶାଇ ପ୍ରତ୍ୟାଖ୍ୟାନ କରାଯିବାରୁ ସାରା ବିଶ୍ୱରେ ଓଡ଼ିଆଙ୍କୁ ମର୍ମାହତ କରିଛି। ଦଳ ଏହାକୁ ବିରୋଧ କରିବା ସହିତ ଉପଯୁକ୍ତ ସ୍ଥାନରେ ଦାବି ଉପସ୍ଥାପନ କରିବ। ଗତ ୫ବର୍ଷ ହେଲା ଗୁଜରାଟର ପ୍ରସ୍ତାବକୁ କେନ୍ଦ୍ର ସରକାର କ୍ରମାଗତ ଭାବେ ଗ୍ରହଣ କରୁଛନ୍ତି। କିନ୍ତୁ ଓଡ଼ିଶାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ଦୁର୍ଭାଗ୍ୟଜନକ ବୋଲି ଲେନିନ୍ କହିଛନ୍ତି। ସୂଚନାଯୋଗ୍ୟ, ୧୯୫୨ରେ ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ଓଡ଼ିଶା ପ୍ରଥମେ ଏହାର ପ୍ରଜ୍ଞାପନ ମେଢ଼ ପଠାଇଥିଲା। ପରେ ୧୯୭୩, ୧୯୮୫, ୧୯୮୯ ରେ ଅଂଶଗ୍ରହଣ କରିଥିଲା। ତା'ପରେ ୨୦୦୬ ଏବଂ ୨୦୦୭ ରେ ଅଂଶଗ୍ରହଣ କରି ଓଡ଼ିଶା କ୍ରମାଗତ ପ୍ରଥମ ପୁରସ୍କାର ଜିତିଥିଲା। ତା'ପରେ ୨୦୦୯, ୨୦୧୧, ୨୦୧୩, ୨୦୧୬, ୨୦୧୭ ଓ ୨୦୨୦ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସାମିଲ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା।

# ଆଜିଠୁ ଓସିଏସ୍ ମେନ୍ ପରୀକ୍ଷା

- ପରୀକ୍ଷା ଦେବେ ୪,୭୫୪ ପରୀକ୍ଷାର୍ଥୀ
- ୫ ଜୋନ୍‌ର ୧୬ କେନ୍ଦ୍ରରେ ପରୀକ୍ଷା

କଟକ ଅଫିସ,୧୯।୧

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ୍) ମେନ୍ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେଉଛି। ଚଳିତଥର ପ୍ରାୟ ୪,୭୫୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୫ଟି ଜୋନ୍‌ର ୧୬ଟି ପରୀକ୍ଷା କେନ୍ଦ୍ରରେ କୋଭିଡ୍ କଟକଣା ଅନୁଯାୟୀ ଏହି ପରୀକ୍ଷା କରାଯିବ। ଏଥିପାଇଁ ଓପିଏସ୍‌ସି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ବିଭିନ୍ନ ବିଷୟରେ ପରୀକ୍ଷାର୍ଥୀମାନେ ଦୁଇଟି ସିଟିଂରେ ପରୀକ୍ଷା ଦେବେ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଏବଂ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂ ପରୀକ୍ଷା ହେବ। ପ୍ରଥମ ଦିନର ପ୍ରଥମ ସିଟିଂରେ ଓଡ଼ିଆ ଓ ଦ୍ୱିତୀୟ ସିଟିଂରେ ଇଂଲିଶ ବିଷୟରେ ପରୀକ୍ଷା ହେବ। ପରୀକ୍ଷା ସୁପରିଚାଳନା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓପିଏସ୍‌ସି ସଦସ୍ୟମାନେ ସ୍କ୍ୱାଡ୍ ଭାବେ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ବ୍ୟବସ୍ଥା ତଦାରଖ କରିବେ ବୋଲି ସଚିବ ଅଶୋକ କୁମାର ଦାଶ ବୁଧବାର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ପରୀକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଦୀର୍ଘଦିନ ଚାଲିବାକୁ ଥିବା ଏହି ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ଦାବି ଉଠିଥିଲା। କରୋନା ଆକ୍ରାନ୍ତ ହେବା ସମ୍ଭାବନା ରହିଛି ବୋଲି ପରୀକ୍ଷାର୍ଥୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଅନ୍ୟପକ୍ଷରେ ଓପିଏସ୍‌ସି ପକ୍ଷରୁ ଅଧ୍ୟକ୍ଷ ଓ ସଚିବଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ନେଇ ଆଲୋଚନା ହୋଇଥିଲା। ଏହାପରେ ପରୀକ୍ଷାକୁ ସ୍ଥଗିତ ରଖାଯିବ ନାହିଁ ବୋଲି ଗତ ୧୫ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ର ଓ ପରିସରରେ ପରୀକ୍ଷାର୍ଥୀମାନେ କୋଭିଡ୍ ନିୟମ ଅନୁପାଳନପୂର୍ବକ ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ନିୟମ ପାଳନ କରିବାକୁ କୁହାଯାଇଛି। ସମସ୍ତ ପରୀକ୍ଷାର୍ଥୀ ଏନ୍-୯୫ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ମାସ୍କ ପିନ୍ଧି ନ ଥିଲେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। କେବଳ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ତଦାରଖ କରିବା ସମୟରେ ପରୀକ୍ଷାର୍ଥୀମାନେ ମାସ୍କ ଖୋଲିବେ। ଓପିଏସ୍‌ସି ପକ୍ଷରୁ ପରୀକ୍ଷା କେନ୍ଦ୍ରକୁ ବିଶୋଧନ କରାଯିବା ସହ କେନ୍ଦ୍ରରେ ସାନିଟାଇଜରର ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀମାନେ ମଧ୍ୟ ନିଜ ସାଙ୍ଗରେ ସାନିଟାଇଜର ନେଇପାରିବେ ବୋଲି କୁହାଯାଇଛି।



ବର୍ଷୀୟାନ ଅଭିନେତା ମିହିର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପୁରୀର ଶିଳ୍ପୀ ଶ୍ରୀଧର ଦାସ ବୁଧବାର ତିଆରି କରିଥିବା ସ୍ୟାଣ୍ଡ ଆନିମେଶନ।

## ବଜ୍ରକାପ୍ତା ଉଦ୍ଧାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବରଗାଁ ଛକରେ ବନ ବିଭାଗ ସହାୟତାରେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ଲରମ୍ବା ଥାନା ତମିଆ ଗ୍ରାମର ଅଜିତ କୁମାର ବୁଡେକ। ତାଙ୍କଠାରୁ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ବଲାଙ୍ଗୀର ବନବିଭାଗକୁ ହସ୍ତାନ୍ତର କରିବା ପରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଉଦ୍ଧାର ବଜ୍ରକାପ୍ତାକୁ ଏସ୍‌ଟିଏଫ୍ ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛି। ଏହାର ଓଜନ ପ୍ରାୟ ୧୩ କେଜି ଓ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡିଏଫ୍‌ଓ ନିତିଶ କୁମାର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଅଜିତ ଏକ ବଜ୍ରକାପ୍ତା ରଖିଥିବା ଏସ୍‌ଟିଏଫ୍ ଖବର ପାଇବା ପରେ ବନବିଭାଗକୁ ଜଣାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ବରଗାଁ ଛକ ନିକଟ ରାସ୍ତାରେ ଏକ ବସ୍ତାରେ ଉକ୍ତ ବଜ୍ରକାପ୍ତାକୁ ରଖି ଚାଲାଣ ଉଦ୍ଦେଶ୍ୟରେ ଅପେକ୍ଷା କରିଥିବାବେଳେ ମିଳିତ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ସୂଚନା ଅନୁଯାୟୀ, ୨୦୨୦ରୁ ୨୫ଟି ବାଘ ଛାଲ, ୧୩ଟି ହାତୀ ଦାନ୍ତ, ୭ଟି ହରିଣ ଛାଲ, ୧୦ ଜୀବନ୍ତ ବଜ୍ରକାପ୍ତା, ୧୬ କେଜି ବଜ୍ରକାପ୍ତା କାତି ଜବତ ସହ ୫୬ ଜଣଙ୍କୁ ଗିରଫ କରିଛି ଏସ୍‌ଟିଏଫ୍।

## ବ୍ୟବସାୟୀଙ୍କୁ ଗୁଳିକରି ଟଙ୍କା, ଅଳଙ୍କାର ଲୁଟ୍

ଚୌଦ୍ୱାର, ୧୯।୧(ଡି.ଏନ.ଏ.)

ଚୌଦ୍ୱାର ଥାନା ଅଧୀନ ବେଉରାସାହି ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବୁଧବାର ରାତିରେ ଦୁର୍ବୃତ୍ତମାନେ ଜଣେ ବ୍ୟବସାୟୀଙ୍କୁ ଗୁଳି କରି ଟଙ୍କା ଓ ଅଳଙ୍କାର ଲୁଟି ନେଇଛନ୍ତି। ଗୁରୁତର ଅବସ୍ଥାରେ ବ୍ୟବସାୟୀଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଗାନ୍ଧୀ ଛକରେ ଚୌଦ୍ୱାର ବଣିଆସାହିର ଦେବେନ୍ଦ୍ର ମହାରଣାଙ୍କ ଶ୍ରୀଲକ୍ଷ୍ମୀ ଜୁଏଲେରି ନାମରେ ଅଳଙ୍କାର ଦୋକାନ ରହିଛି। ରାତି ପ୍ରାୟ ୯ଟାରେ ସେ ଦୋକାନ ବନ୍ଦ କରି ଅଳଙ୍କାର ଓ ଟଙ୍କା ନେଇ ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ବେଉରାସାହି ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ଦେବେନ୍ଦ୍ରଙ୍କ ଗୋଡ଼କୁ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ସେ ତଳେ ପଡିଯିବାରୁ ସେମାନେ ତାଙ୍କ ନିକଟରେ ଥିବା ଅଳଙ୍କାର ଓ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଖବରପାଇ କଟକ ଡିସିପି ପ୍ରତୀକ୍ ସିଂ ଓ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଘଟଣାସ୍ଥଳରୁ ୪ଟି ଗୁଳି ଜବତ କରାଯାଇଛି।


ଗୁରୁତର ଆହତ ବ୍ୟବସାୟୀ ଦେବେନ୍ଦ୍ର।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସନ୍ତୋଷ


@ ସୌଭାଗ୍ୟଲକ୍ଷ୍ମୀ


@ ବିକାଶ


@ ପ୍ରଶାନ୍ତ


@ ମନୋଜ


@ ଆଶୀର୍ବାଦ

## ମହମରେ ୧ ଇଞ୍ଚର ଜଗନ୍ନାଥ

- କଳାକୃତି ଦେଇଛି ପରିଚୟ
- ଜାତୀୟ ସ୍ତରରେ ସ୍ମୃତିଙ୍କ ରେକର୍ଡ

କଟକ ଅଫିସ,୧୯।୧

ଅଦରକାରୀ ସାମଗ୍ରୀରେ ଭିନ୍ନ କଳାକୃତି ଅଙ୍କନ କରି ଜାତୀୟ ସ୍ତରରେ ରେକର୍ଡ ସୃଷ୍ଟି କରିଛନ୍ତି କଟକ ରାଜାବଗିଚା ସର୍ବୋଦୟପୁର ଅଞ୍ଚଳର ଜଣେ ଯୁବକ। ସୁବାସ ମହାନ୍ତି ଓ ଅଳକା ମହାନ୍ତିଙ୍କ ପୁଅ ସ୍ମୃତି ରଞ୍ଜନ ମହାନ୍ତି ମହମରେ ୧ ଇଞ୍ଚର ଜଗନ୍ନାଥ ମୂର୍ତ୍ତି ନିର୍ମାଣ କରି ଇଣ୍ଡିଆ ବୁକ୍ ଓ ଏସିଆ ବୁକ୍‌ରେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ଅଦରକାରୀ କାର୍ଡ ବୋର୍ଡ, ଦିଆସିଲି କାଠି, ଟିସୁ ପେପର ଓ ସୋଲ ବ୍ୟବହାର କରି ୨୭ ସେଣ୍ଟିମିଟରର କେଦାରନାଥ ମନ୍ଦିରର କଳାକୃତି ନିର୍ମାଣ କରିଛନ୍ତି। ଦିଆସିଲ କାଠିରେ ୨ଇଞ୍ଚର ରଥ, ରବରରେ ୨ ସେମିର ଜଗନ୍ନାଥ ମୂର୍ତ୍ତି ଓ ସୋଲରେ ଦଶାବତାର ତିଆରି କରିଛନ୍ତି। କଟକସ୍ଥିତ ଜାତୀୟକବି ବୀରକିଶୋର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଯୁକ୍ତ ୨ର ଦ୍ୱିତୀୟ ବର୍ଷର ଛାତ୍ର ସ୍ମୃତି। ପିଲାଟି ଦିନରୁ ତାଙ୍କର ଚିତ୍ରକଳା ପ୍ରତି ବେଶ୍ ଆଗ୍ରହ ଥିଲା। ଏଥିପ୍ରତି ତାଙ୍କୁ ପରିବାର ଲୋକେ ସହଯୋଗ କରିଥିଲେ। ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ଅଦରକାରୀ ସାମଗ୍ରୀରେ କଳାକୃତି ତିଆରି କରି ପୁରସ୍କୃତ ହୋଇଥିଲେ। ଏହାପରେ କଳାକୃତି ଅଙ୍କନ ପ୍ରତି ତାଙ୍କର ଆଗ୍ରହ ବଢିଥିଲା। ଏନେଇ ସ୍ମୃତି କହିଛନ୍ତି, ଆମେ ଅଦରକାରୀ ସାମଗ୍ରୀକୁ ଫିଙ୍ଗି ଦେଇଥାଉ। ହେଲେ ସେହି ସାମଗ୍ରୀକୁ ବ୍ୟବହାର କରି କିପରି ନୂତନ କଳାକୃତି ପ୍ରସ୍ତୁତ କରାଯାଇପାରିବ ତାହାହିଁ ମୋର ଲକ୍ଷ୍ୟ।





ପୁରସ୍କାର ଓ ପଦକ ସହ ସ୍ମୃତି ରଞ୍ଜନ ମହାନ୍ତି ଓ ସେ ତିଆରି କରିଥିବା ଜଗନ୍ନାଥଙ୍କ କଳାକୃତି।

## ୧୧ମାସର ଶିଶୁଙ୍କୁ କଚାଡ଼ିଦେଲେ ପଡ଼ୋଶୀ

ନିମାପଡ଼ା,୧୯।୧(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଭଗବାନସୁଲରା ଗ୍ରାମର ଏକ ବିଲରେ ଗାଇ ଚରାଇ ଫସଲ ନଷ୍ଟ କରିବା ଘଟଣାକୁ ନେଇ ଜଣେ ପଡ଼ୋଶୀ ଗ୍ରାମର ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମାଡ଼ ମାରିବା ସହ ତାଙ୍କ ୧୧ମାସର ଶିଶୁପୁତ୍ରଙ୍କୁ କଚାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ବୁଧବାର ଏକ ମାମଲା(ନଂ.୨୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଭଗବାନସୁଲରା ଗ୍ରାମର ଦିବ୍ୟାଙ୍ଗ ନାରାୟଣ ଭୋଳଙ୍କ ବିଲରେ ଉକ୍ତ ଗ୍ରାମର ଛବିନ୍ଦ୍ର ଭୋଳଙ୍କ ଗାଇ ପଶି ଫସଲ ନଷ୍ଟ କରିଥିଲା। ନାରାୟଣ ଏହି କଥାକୁ ନେଇ ଛବିନ୍ଦ୍ରଙ୍କୁ କହିବାରୁ କଥା କଟାକଟି ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ଛବିନ୍ଦ୍ର ଉତ୍ତ୍ୟକ୍ତ ହୋଇ ନାରାୟଣଙ୍କୁ ମାଡ଼ ମାରିବା ସହ ସେ ଧରିଥିବା ତାଙ୍କ ୧୧ମାସ ଶିଶୁପୁତ୍ରକୁ ତଳେ କଚାଡ଼ି ଦେଇଥିଲେ। ଶିଶୁପୁତ୍ରଟି ତଳେ ପଡ଼ି ଗୁରୁତର ହେବାରୁ ପରିବାର ଲୋକେ ନିମାପଡ଼ା ମେଡିକାଲ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଶିଶୁପୁତ୍ରକୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ପରେ ଏ ନେଇ ନାରାୟଣ ଆକ୍ରମଣକାରୀ ଛବିନ୍ଦ୍ରଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରୁଥିବାବେଳେ ଛବିନ୍ଦ୍ର ଫେରାର ହୋଇଯାଇଛନ୍ତି।







ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ସୌନ୍ଦର୍ଯ୍ୟକରଣ କରାଯାଉଛି। ବିଶେଷକରି ବାଣୀବିହାରରୁ ବାପୁଜୀନଗରର ମୁଖ୍ୟରାସ୍ତାର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ସହ ଏହାର ସୁରକ୍ଷା ପାଇଁ ରୋଡ୍ ଡିଭାଇଡର ତିଆରି ହେଉଛି। ଏପରିକି ଡିଭାଇଡରରେ ଲୁହାବାଡ଼ ଦିଆଯାଇଛି। ହେଲେ ଜନଗହଳି ପୂର୍ଣ୍ଣ ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ୍ ମଧ୍ୟରେ ଅଶୋକନଗର ପଟୁ ୟୁନିଟ୍-୨ ମାର୍କେଟ ବିଲ୍ଡିଂକୁ ଯିବାକୁ ଏକ ଫୁଟ୍ ଓଭରବ୍ରିଜ୍ ନ ଥିବା କାରଣରୁ ଲୋକମାନେ ଡିଭାଇଡର ଲୁହାବାଡ଼କୁ ବିପଦସଙ୍କୁଳ ଅବସ୍ଥାରେ ପାର୍ ହୋଇ ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି। ବୁଧବାର ଏମିତି କିଛି ଦୃଶ୍ୟ ଉତ୍ତୋଳିତ ହୋଇଛି। - ଫଟୋ-ମୌସମ୍

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ୨୦ ଜାନୁୟାରୀ, ୨୦୨୨



## ଲିଙ୍ଗ ନିରୂପଣ ମାମଲା: ୨ ଦଲାଲ ଗିରଫ

**କଟକ ଅଫିସ:** ବେଆଇନ ଲିଙ୍ଗ ନିରୂପଣ ମାମଲାରେ ମଙ୍ଗଳାବାଗ ପୋଲିସ ୨ଜଣ ଦଲାଲଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ପୋପରଡା ଗ୍ରାମର ସନ୍ତୋଷ କୁମାର ଲେଙ୍କା(୩୪) ଓ ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ବରୀ ଦରଘାର ହୃଷୀକେଶ ସାହୁ(୪୩)। କାଠଗୋଲା ସାହି ଅଞ୍ଚଳର ଡାଇଗ୍ନୋଟିକ୍ ସେଣ୍ଟର ଆଲ୍‌ଫା ହେଲ୍‌ଥ କେୟାରରେ ବେଆଇନ ଭାବେ ଲିଙ୍ଗ ନିରୂପଣ ହେଉଥିବା ନେଇ ଗତ ୧୭ ତାରିଖରେ ଅଭିଯୋଗ ପରେ ପୋଲିସ ଚଢ଼ାଉ କରି ମାଲିକ ପ୍ରସନ୍ନ ସାହୁ ଓ କର୍ମଚାରୀ ବସନ୍ତ ବର୍ଦ୍ଧନଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ୨ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ବିଲ୍ଡର ଅଫିସକୁ ବୋମାମାଡ଼ ଘଟଣା**

**ବାଲକାଟୀ,୧୯।୧(ଡି.ଏନ୍.ଏ.):** ବିଲ୍ଡର କାର୍ଯ୍ୟାଳୟକୁ ହୋଇଥିବା ବୋମା ମାଡ଼ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ବୁଧବାର ବାଲିଅନ୍ତା ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ଘର ଖୋର୍ଦ୍ଧାରେ ହୋଇଥିବାବେଳେ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ନୟାପଲ୍ଲୀ ଅଞ୍ଚଳର ବିଲ୍ଡର ଜଗବନ୍ଧୁ ବେହେରା ସରକଣା ଗ୍ରାମ ନିକଟରେ ଏକ ପ୍ଲଟିଂ ସ୍କିମ ଜରିଆରେ ଲୋକଙ୍କୁ ଜାଗା ବିକ୍ରି କରନ୍ତି। ଏହି ଜମି କିଣାବିକାରେ କମିଶନ ଟଙ୍କା ନେଣଦେଣକୁ ନେଇ ଜଣେ ଦଲାଲଙ୍କ ସହ ଜଗବନ୍ଧୁଙ୍କ ପୂର୍ବ ଶତ୍ରୁତା ଥିଲା। ଏହାକୁ ନେଇ ଗତ ୧୬ତାରିଖ ରାତିରେ ୨ଯୁବକ ବାଇକ୍‌ରେ ଆସି କାର୍ଯ୍ୟାଳୟକୁ ୪ଟି ବୋମା ମାଡ଼ କରିଥିଲେ।

### ଚଳନ୍ତା କାର୍ ଜଳିଗଲା

**କଟକ ଅଫିସ,୧୯।୧:** ମଧୁପାଟଣା ଓଭରବ୍ରିଜ ଉପରେ ବୁଧବାର ଏକ ଚଳନ୍ତା କାର ନିଆଁ ଲାଗି ଜଳିଯାଇଛି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ କାର୍‌ଟି କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଚାଳକ ବାହାରକୁ ପଳାଇ ଆସିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମଧୁପାଟଣା ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ୩ୟ ଦିନରେ ବାରଙ୍ଗରେ ୧୭୦ ପାର୍ଥିପତ୍ର ଦାଖଲ

**ବାରଙ୍ଗ,୧୯।୧(ଡି.ଏନ୍.ଏ.):** ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ବୁଧବାର ତୃତୀୟ ଦିନରେ ବାରଙ୍ଗ ବ୍ଲକର ୧୬ଟି ପଞ୍ଚାୟତରେ ୧୭୦ଜଣ ପାର୍ଥିପତ୍ର ଦାଖଲ କରିଛନ୍ତି। ସରପଞ୍ଚ ୨୬, ସମିତିସଭ୍ୟ ୨୬ ଓ ୱାର୍ଡମେମ୍ବର ୧୧୮ଜଣ ରହିଛନ୍ତି। ବେଲଗଛିଆ ପଞ୍ଚାୟତ ପାଇଁ ସମିତିସଭ୍ୟ ୩, ୱାର୍ଡମେମ୍ବର ୭, ଦାଢ଼ାପାଟଣାରେ ୨ ସରପଞ୍ଚ, ୨ ସମିତିସଭ୍ୟ ଓ ୮ ୱାର୍ଡମେମ୍ବର, ହରିଅନ୍ତା ୨ ସରପଞ୍ଚ, ୩ ସମିତିସଭ୍ୟ ଓ ୯ ୱାର୍ଡ ମେମ୍ବର, କୁହ୍ନେଇପଡାରେ ୨ ସରପଞ୍ଚ, ୧ ସମିତିସଭ୍ୟ ଓ ୬ ୱାର୍ଡମେମ୍ବର ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିଭଳି କୋରକୋରା ୧ ସରପଞ୍ଚ, ୫ ୱାର୍ଡମେମ୍ବର, କୁରାଙ୍ଗଶାସନ ୧ ସରପଞ୍ଚ, ୨ ସମିତିସଭ୍ୟ ଓ ୭ ୱାର୍ଡମେମ୍ବର, କୁରାଙ୍ଗପ୍ରଧାନ ୧ ସରପଞ୍ଚ, ୧୨ ୱାର୍ଡମେମ୍ବର, ଖର୍ଲଦା ୨ ସରପଞ୍ଚ, ୪ ସମିତିସଭ୍ୟ, ୧୮ ୱାର୍ଡମେମ୍ବର, ମଧୁପୁର ୨ ସରପଞ୍ଚ, ୨ ସମିତିସଭ୍ୟ ଓ ୨ ୱାର୍ଡମେମ୍ବର, ମୁଣ୍ଡଳି ୧ ସରପଞ୍ଚ, ୧ ସମିତିସଭ୍ୟ ଓ ୬ ୱାର୍ଡମେମ୍ବର, ନରାଜମାର୍ଥାପୁର ୬ ସରପଞ୍ଚ, ୨ ସମିତିସଭ୍ୟ ଓ ୪ ୱାର୍ଡମେମ୍ବର, ନଗରୀ ୧ ସରପଞ୍ଚ, ୧ ସମିତିସଭ୍ୟ ଓ ୬ ୱାର୍ଡମେମ୍ବର, ରାମଦାସପୁର ୧୦ ୱାର୍ଡମେମ୍ବର, ଶ୍ରୀବନ୍ତପୁର ୨ ସରପଞ୍ଚ, ୨ ସମିତିସଭ୍ୟ ଓ ୪ ୱାର୍ଡମେମ୍ବର, ଶାଇଁଶୋ ୨ ସରପଞ୍ଚ, ୨ ସମିତିସଭ୍ୟ ଓ ୬ ୱାର୍ଡ ମେମ୍ବର, ଉସୁମା ୧ ସରପଞ୍ଚ, ୧ ସମିତିସଭ୍ୟ ଓ ୮ ୱାର୍ଡମେମ୍ବର ନାମାଙ୍କନପତ୍ର ଦାଖଲ କରିଥିବା ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି।

# ଲୁକ୍କାୟିତ ସ୍ତରରୁ ବିକାଶ ପଥରେ

**ସମବେଦନା ନୁହେଁ, ସମାନତାର ଲଢ଼େଇ। ସମାଜରେ ଭିନ୍ନ ଏକ ଶବ୍ଦରୁ ବାହାରକୁ ଆସିବାର ଚେଷ୍ଟା। ନିଜ ପାଇଁ ଅଧିକାର ସୃଷ୍ଟି କରିବାର ପ୍ରୟାସ। ସହିବାକୁ ପଡ଼ିଛି, ଆଜିବି ସହୁଛନ୍ତି କେତେ କଷ୍ଟ ଓ ଯନ୍ତ୍ରଣା। ସଂଘର୍ଷ ଭିତରେ ନିଜ ପାଇଁ ତିଆରି କରିସାରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ସକ୍ଷମ ରୂପକ ସଫଳତାର ଶିଡ଼ିରେ ଚଢ଼ି ପାଲଟିଯାଇଛନ୍ତି ଅନନ୍ୟା। ଉଦାହରଣ ସାଜିଛନ୍ତି, ପ୍ରେରଣା ଯୋଗାଉଛନ୍ତି ଅନେକଙ୍କୁ। ଆଉ ସାହସର ସହ କହୁଛନ୍ତି, ହଁ ମୁଁ କିନ୍ନର। ୨୦୧୪ ଏପ୍ରିଲ ୧୫ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ତୃତୀୟ ଲିଙ୍ଗ ବା କିନ୍ନରଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିଛି। ୨୦୧୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ୨୦,୩୩୨ ହୋଇଥିବାବେଳେ ବର୍ତ୍ତମାନ ଏହା ୭୦ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ଅନୁମାନ କରାଯାଉଛି। ସବୁ ବର୍ଗଙ୍କ ପରି ସେମାନଙ୍କ ପାଇଁ ମଧ୍ୟ ସରକାର ବହୁ କଲ୍ୟାଣକାରୀ ଯୋଜନା ଓ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ବିଶେଷକରି ଓଡ଼ିଶାରେ କିନ୍ନର ସମ୍ପ୍ରଦାୟ ଏକ ଲୁକ୍କାୟିତ ସ୍ତରରୁ ବିକାଶ ଆଡକୁ ଅଗ୍ରସର ହେଉଥିବା ଦେଖିବାକୁ ମିଳୁଛି। ରାଜନୀତି, ସାମାଜିକ ସେବା, ସୁନ୍ଦରୀ ପ୍ରତିଯୋଗିତା ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କେତେଜଣ କିନ୍ନରଙ୍କ ମତାମତକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**



### କିନ୍ନରଙ୍କୁ ସୁଯୋଗ ଦେଲେ ନୂଆ ପରିବର୍ତ୍ତନ ଆସିବ



କିନ୍ନରମାନେ ସମାଜ ଓ ଜୀବନର ପ୍ରତ୍ୟେକ ସୋପାନରୁ କଷଟି ହୋଇ ଆସିଛନ୍ତି। ସେମାନେ ସକ୍ରିୟ ରାଜନୀତିକୁ ଆସିଲେ ସମାଜରେ ନୂଆ ପରିବର୍ତ୍ତନ ଆଣିପାରିବେ। ସୁଯୋଗ ମିଳିଲେ ଆମେମାନେ ଜଣେ ଜଣେ ସଫଳ ରାଜନୀତିଜ୍ଞ ହୋଇପାରିବୁ ବୋଲି ରାଜ୍ୟ ସରକାରଙ୍କ 'ମୋ ପରିବାର' ଦାୟିତ୍ୱରେ ଥିବା ବିଜେଡି ରାଜ୍ୟ ସମ୍ପାଦିକା ତଥା କୋରାପୁଟ ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡ଼ା କହିଛନ୍ତି। ସେ କହିଛନ୍ତି, ମହାଭାରତ ସମୟରୁ ଏଯାଏ ନୀତି ଓ ରାଜନୀତି କ୍ଷେତ୍ରରେ କିନ୍ନରମାନେ ପ୍ରମୁଖ ଭୂମିକା ତୁଲାଇଆସିଛନ୍ତି। ବର୍ତ୍ତମାନ ଏ କ୍ଷେତ୍ରରେ ଆହୁରି ସୁଯୋଗ ଦିଆଯିବା ଆବଶ୍ୟକ।

### ରୋଗୀଙ୍କ ସେବା କରି ଗର୍ବ ଅନୁଭବ କରୁଛି



କୋଭିଡ୍ ଆରମ୍ଭରେ ରୋଗୀଙ୍କ ସେବାରେ, ଆଉ ଏବେ ଟିକାକରଣରେ ନିଜକୁ ସାମିଲ କରିଛନ୍ତି ପ୍ରିନ୍‌ସେସ୍ କିନ୍ନର। ସେ କୁହନ୍ତି, ରୋଗୀଙ୍କ ସେବା କରି ନିଜକୁ ଗର୍ବ ଅନୁଭବ କରୁଛି। କରୋନା ସମୟରେ ନିଜ କ୍ଷେତ୍ରରେ ଅନେକ ସମସ୍ୟା ଉପୁଜିଥିଲେ ମଧ୍ୟ ରୋଗୀଙ୍କ ପାଇଁ ସେବା କରିବାକୁ ଆଗେଇ ଆସିଥିଲି। ମହାମାରୀ ଏହି ସୁଯୋଗ ଦେଇଥିଲା। ରାଉରକେଲାର ବିପିୟୁଟି କୋଭିଡ୍ କେୟାର ସେଣ୍ଟରରେ ପ୍ରଥମ କିନ୍ନର କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲି। ସରକାରଙ୍କ ପକ୍ଷରୁ ମୋତେ ସେମିତି କିଛି ସୁଯୋଗ ଦିଆଯାଇ ନ ଥିବା ସେ କହିଛନ୍ତି।

### ମିସ୍ ଟ୍ରାନ୍ସ କୁଇନ୍ ହେବାକୁ ସ୍ୱପ୍ନ



ଜଣେ ମଡେଲ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଆୟେଶା ବେହେରା। ସେ କୁହନ୍ତି, ନିଜର ସୁନ୍ଦରତାକୁ ବାହାରକୁ ଆଣିବାକୁ ହେଲେ କୌଣସି ବର୍ଗର ଆବଶ୍ୟକତା ନ ଥାଏ। କିନ୍ତୁ ଓଡ଼ିଶାରେ ମଡେଲିଂ ପାଇଁ ବିଶେଷ ବ୍ୟବସ୍ଥା ନାହିଁ। ଏହା ସତ୍ତ୍ୱେ ବି ମୁଁ ଓଡ଼ିଶାରେ ହିଁ ରହି ପ୍ରସ୍ତୁତ ହେବା ସହ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଉଦ୍ୟମ କରିବି। ମିସ୍ ଇଣ୍ଡିଆ ନୟନତାରା-୨୦୨୦ ପ୍ରତିଯୋଗିତାରେ ୬ନମ୍ବର ସ୍ଥାନରେ ରହିଥିବା ଆୟେଶା ମିସ୍ ଟ୍ରାନ୍ସ କୁଇନ୍ ଇଣ୍ଡିଆ ମୁକୁଟ ପିନ୍ଧିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

### ସଚେତନ ହୋଇ ନିଜ ଅଧିକାର ହାସଲ କରନ୍ତୁ



ସାମାଜିକ କ୍ଷେତ୍ରରେ ନିଜକୁ ସାମିଲ କରି ନୂଆ ପରିଚୟ ପାଇଛନ୍ତି ସାଧନା ମିଶ୍ର। ସୋସିଆଲ ଡେଭେଲପ୍‌ମେଣ୍ଟ କାର୍ଯ୍ୟକର୍ତ୍ତା ଭାବେ କିସ୍‌ରେ କାର୍ଯ୍ୟ କରୁଥିବା ସାଧନା କୁହନ୍ତି, ସରକାରଙ୍କ ପକ୍ଷରୁ ରାଶନ କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ବିଭିନ୍ନ ସୁବିଧାସୁଯୋଗ ଦିଆଯାଉଥିଲେ ମଧ୍ୟ ସମସ୍ୟା ଦୂର ହୋଇନି। ତେଣୁ ପ୍ରତ୍ୟେକ ସମସ୍ୟାକୁ ଆହ୍ୱାନ ଭାବେ ଗ୍ରହଣ କରି ସମାଜରେ ଛିଡ଼ା ହେବା ଉଚିତ୍। ସଚେତନ ହୋଇ ନିଜ ଅଧିକାର ହାସଲ କରିବା ଆବଶ୍ୟକ।

### କାଗଜ କଲମରେ ସୀମିତ ନ ରହୁ ଯୋଜନା

ଶିକ୍ଷା ହେଉ କି ରୋଜଗାର, ସବୁ କ୍ଷେତ୍ରରେ ମିଳୁଥିବା ସୁବିଧାସୁଯୋଗ କେବଳ କାଗଜ କଲମରେ ସୀମିତ ରହିଯାଉଛି। ଖୁବ୍ କମ୍‌ଜଣ କିନ୍ନର ନିଜ ଚେଷ୍ଟାରେ ଆଗକୁ ଆସି ପାରିଛନ୍ତି। ସ୍ୱାବଲମ୍ବୀ ହେବା ପାଇଁ ଉପଯୁକ୍ତ ତାଲିମର ଅଭାବ ରହିଛି ବୋଲି ହାଉସିଂ ଆଣ୍ଡ ରୁରାଲ ଡେଭେଲପ୍‌ମେଣ୍ଟ ବିଭାଗର ଜାତୀୟ ସହରାଞ୍ଚଳ ଜୀବନ ଜୀବିକା ମିଶନରେ କଟକ ସିଟି ମିଶନ ମ୍ୟାନେଜର ଭାବେ କାମ କରୁଥିବା ସୋନି ସିଲ କହିଛନ୍ତି। ସେ ନିଜ ଚେଷ୍ଟାରେ କେତେଜଣ ଅଳ୍ପଶିକ୍ଷିତ କିନ୍ନରଙ୍କୁ ରୋଜଗାର କ୍ଷମ କରାଇବାରେ ସଫଳ ହୋଇଛନ୍ତି। ସେ କୁହନ୍ତି, ସ୍ୱାବଲମ୍ବୀ ହେଉ ଅବା ଚାକିରି ପାଇଁ କିନ୍ନରଙ୍କୁ ଶିକ୍ଷା ସହ ଉପଯୁକ୍ତ ପ୍ରଶିକ୍ଷଣ ଆବଶ୍ୟକ ରହିଛି।



### ବିକାଶ ନାଁରେ ଆମେ ଅବହେଳିତ



ଯେଉଁ କେତେଜଣ କିନ୍ନର ବିବାହ କରି ସଂସାର ଗଢ଼ିଛନ୍ତି ସେମାନଙ୍କ ମଧ୍ୟରେ ମେଘନା ସାହୁ ଅନ୍ୟତମ। ସ୍ୱାମୀ ଓ ଏକ ପୁଅ ସହ ସେ ବେଶ୍ ଖୁସିରେ ଅଛନ୍ତି। ଚେଷ୍ଟା କରି ନିଜକୁ ଅନେକ କ୍ଷେତ୍ରରେ ସଫଳ ବୋଲି ପ୍ରମାଣ କଲେ ବି ସମାଜରେ ଆଜି କିନ୍ନର ସମ୍ପ୍ରଦାୟ ଅବହେଳିତ, ନିଷ୍ପେଷିତ। ଖୁବ୍ କମ୍ ଲୋକ ସେମାନଙ୍କୁ ଗ୍ରହଣ କରନ୍ତି। ସମାଜରେ ମଣିଷ ଭଳି ବଞ୍ଚିବାର ସ୍ୱୀକୃତି ଆଶାରେ ଆଜି ବି ଅନେକେ ଅପେକ୍ଷାରତ ।

ରିପୋର୍ଟ-ଶର୍ମିଷ୍ଠା ପାଣିଗ୍ରାହୀ

## ପୁଅକୁ ଫାଶୀ ହେଉ: ବାପା

**ମା'ଙ୍କୁ ମାରି ଜାଳିଦେବା ଘଟଣା: ପ୍ରଶାନ୍ତ ଜେଲ ଗଲେ**

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ବଡ଼ଗଡ଼ ଥାନା ଅନ୍ତର୍ଗତ କଳିଙ୍ଗ ବସ୍ତିରେ ମା'ଙ୍କୁ ହତ୍ୟା କରି ଜାଳି ଦେବା ଘଟଣାରେ ଗିରଫ ଅଭିଯୁକ୍ତ ପୁଅ ପ୍ରଶାନ୍ତ କୁମାର ଜେନା ଓରଫ କାଳିଆ ଜେଲ୍ ଯାଇଛନ୍ତି। ହତ୍ୟା ଓ ପ୍ରମାଣ ନଷ୍ଟ ଅଭିଯୋଗରେ ପୋଲିସ ତାଙ୍କ ନାମରେ ଆଇପିସିର ଦଫା ୩୦୨ ଓ ୨୦୧ରେ ମାମଲା (ନଂ.୨୨/୨୨) ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୂର୍ବାହ୍ନରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଥିଲା। ଏଥିସହ ହତ୍ୟାରେ ବ୍ୟବହୃତ ଲୁହା ପାଇପ, ରେଡ଼ିଓ ଆଦି ଜବତ କରିଛି। ତେବେ ମୃତା ରଶ୍ମିତା ଜେନାଙ୍କ ସ୍ୱାମୀ ତଥା ଅଭିଯୁକ୍ତ ପ୍ରଶାନ୍ତଙ୍କ ବାପା ବିଷ୍ଣୁଚରଣ ଗଣମାଧ୍ୟମକୁ କହିଛନ୍ତି, ନିଶା ଖାଇବାକୁ ସାମାନ୍ୟ କିଛି ଟଙ୍କା ପାଇଁ ମା'ଙ୍କୁ ମାରିଦେଇଥିବା ପୁଅକୁ ଫାଶୀ ହୋଇଯାଉ।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ବିଷ୍ଣୁଚରଣ ପାଖ ବଜାରକୁ ଯାଇଥିଲେ। ଏହି ସମୟରେ ପ୍ରଶାନ୍ତ ମା'ଙ୍କୁ ଟଙ୍କା ମାଗି ଝଗଡ଼ା କରିଥିଲେ। ମା' ରଶ୍ମିତା ତାଙ୍କୁ ଗାଳିଦେବାରୁ ସେ ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ ପୁରୁଣା ରେଡିଓ ଓ ଲୁହା ପାଇପରେ ମା'ଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ପ୍ରଶାନ୍ତ ଘରେ ଥିବା ମା'ଙ୍କ ଲୁଗା ଓ କନ୍ଥା ଆଦିରେ କିରୋସିନ ଢାଳି ମୃତଦେହକୁ ନିଆଁ ଲଗାଇ ଦେଇଥିଲେ। ନିଆଁରେ ଆଜବେଷ୍ଟ ଫାଟିଯିବାରୁ ବାହାରକୁ ଧୂଆଁ ବାହାରିଥିଲା। ଏହାଦେଖି ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ।

## ବନ୍ଧୁକ ଦେଖାଇ ପେଟ୍ରୋଲ ପମ୍ପରୁ ୯୦ହଜାର ନେଇଗଲେ

ନିରାକାରପୁର,୧୯।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କର ରମାବିଲି-ଛଣଗିରି ମଝିରେ ଥିବା ଏକ ପେଟ୍ରୋଲ ପମ୍ପରେ ମଙ୍ଗଳବାର ରାତିରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ୯୦ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ପମ୍ପର ମାଲିକ ବୁଧବାର ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୨୯/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



ସଂକ୍ରମଣ ରୋକିବାକୁ ମଦର୍ସ ପବ୍ଲିକ ସ୍କୁଲ ପଡ଼ିଆକୁ ସ୍ଥାନାନ୍ତର ହୋଇଥିବା ଭୁବନେଶ୍ୱର ୟୁନିଟ୍-୧ ପରିବା ହାଟ।

## ପରିବର୍ତ୍ତନ ପାଇଁ ଭିନ୍ନଦୃଷ୍ଟିର ଭିନ୍ନ କଥା

ଭୁବନେଶ୍ୱର,୧୯।୧:(ବ୍ୟୁରୋ)

ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ନାଟକ 'ଭିନ୍ନଦୃଷ୍ଟି' ପରିବେଷିତ ହୋଇଯାଇଛି। ସମକାଳୀନ ପରିସ୍ଥିତିରେ ନାରୀର ପ୍ରଗତିକୁ ଗୋଟିଏପଟେ ବର୍ଣ୍ଣନା କରାଯାଉଥିବା ବେଳେ ଅପରପକ୍ଷରେ ସମାଜର ପରିବର୍ତ୍ତନ ପାଇଁ ଉଭୟ ନାରୀ ଓ ମହିଳା କିପରି ସଂଘର୍ଷ କରୁଛନ୍ତି, ସେ ସମୟରେ ସମାଜ କିପରି ସେମାନଙ୍କୁ ଏକ ଭିନ୍ନଦୃଷ୍ଟିରେ ଦେଖୁଛି, ଏଭଳି କିଛି ଘଟଣାବଳୀକୁ ନେଇ ନାଟକ ଭିନ୍ନଦୃଷ୍ଟିର ପରିକଳ୍ପନା କରାଯାଇଛି। ବରିଷ୍ଠ ନାଟ୍ୟକାର ମନୋଜ କୁମାର ମିଶ୍ର ଏହାର ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ସୌନିକା ସାହୁ। ସହ ନିର୍ଦ୍ଦେଶନାରେ ମାନସ କୁମାର ପରିଡା ଥିବାବେଳେ ଶକ୍ତି ପ୍ରସାଦ ମିଶ୍ରଙ୍କ ସଙ୍ଗୀତ ନାଟକର ପରିଭାଷାକୁ ଆକର୍ଷଣୀୟ କରାଇଥିଲା। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ମାୟା ଦାସ, ରୋଟାରିଆନ ଶାନ୍ତନୁ କୁମାର ପାଣି, ଅନୁଷ୍ଠାନର ସଭାପତି ସୁଧାକର ପତ୍ରୀ ଓ ସମ୍ପାଦକ ଶୁଭକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ନାଟକର ମଞ୍ଚ ସଞ୍ଚାଳନ ପ୍ରଜ୍ଞାଦତ୍ତ ସାହୁ କରିଥିବାବେଳେ ଆଲୋକସଜ୍ଜାରେ ରାକେଶ ଶତପଥୀ ଓ ତାଙ୍କ ଟିମ୍ ସହଯୋଗ କରିଥିଲେ।



ବିଦ୍ୟାକନକ ସୃଜନାନୁଷ୍ଠାନର ନାଟକ 'ଭିନ୍ନଦୃଷ୍ଟି' ପରିବେଷଣ ଅବସରରେ ଉପସ୍ଥିତ ଅତିଥି।

## ୬ ଆସନରେ ପ୍ରାର୍ଥୀ ଦେଲା ଆମ ସଂଗଠନ

ବାଲକାଟୀ,୧୯।୧(ଡି.ଏନ୍.ଏ.)

ବହୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଚଳିତ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଜୟଦେବ ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ଘୋଷଣା କରିଛି। ଏହି ଟିକେଟ ଘୋଷଣା ପରେ ବିଧାୟକ ଓ ଆମ ସଂଗଠନର ନେତୃତ୍ୱ କମଳ କୁମାର ପାତ୍ର(ଚନ୍ଦନ)ଙ୍କ ମଧ୍ୟରେ ଚାଲିଥିବା ପତିଆରା ଯୁଦ୍ଧର ଅନ୍ତ ଘଟିଛି। ଦଳ ଚନ୍ଦନଙ୍କ ଉପରେ ଆସ୍ଥାପ୍ରକଟ କରି ଛଅରୁ ଛଅ ଜିଲା ପରିଷଦ ଟିକେଟ ଦେଇଛନ୍ତି। ବିଧାୟକଙ୍କ ପକ୍ଷରୁ ଥିବା ଆଶାୟୀ ପ୍ରାର୍ଥୀଙ୍କୁ ଗୋଟିଏ ବି ଟିକେଟ ନ ପାଇବା ନିର୍ବାଚନମଣ୍ଡଳୀରେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ଦୀର୍ଘଦିନ ଧରି ଜୟଦେବରେ ବିଜେଡି ୨ ଗୋଷ୍ଠୀରେ ବିଭକ୍ତ ହୋଇଥିବା ଦେଖାଯାଇଥିଲା। ଗୋଟିଏ ଗୋଷ୍ଠୀ ବିଧାୟକ ଡ.ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଆମ ସଂଗଠନ ମାଧ୍ୟମରେ ଚନ୍ଦନଙ୍କ ନେତୃତ୍ୱରେ ଚାଲୁଥିଲା। ଦଳର ବିଭିନ୍ନ କାର୍ଯ୍ୟକ୍ରମ ଚନ୍ଦନଙ୍କ ନେତୃତ୍ୱରେ ନିର୍ବାଚନମଣ୍ଡଳୀରେ ପରିଚାଳିତ ହେଉଥିବା ଦେଖାଯାଉଥିଲା। ଖୋଦ ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ଆଶା ଚନ୍ଦନଙ୍କ ଉପରେ ରହୁଥିବା ପ୍ରତି ଦଳୀୟ କାର୍ଯ୍ୟରେ ବାରିହୋଇପଡୁଥିଲା। ଏହି କ୍ରମରେ ଚଳିତ ତ୍ରିସ୍ତରୀୟ ନିର୍ବାଚନ ପାଇଁ ନିର୍ବାଚନମଣ୍ଡଳୀରେ ଜିଲା ପରିଷଦ ସଭ୍ୟ ପାଇଁ ଟିକେଟ କାହା ମାଧ୍ୟମରେ ବଣ୍ଟାଯିବ ବୋଲି ଦଳୀୟ କର୍ମୀଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଙ୍କି ମାରୁଥିଲା। ଶେଷରେ ଦଳ ପକ୍ଷରୁ ବୁଧବାର ନିର୍ବାଚନମଣ୍ଡଳୀର ଛଅଟି ଜୋନ୍ ପାଇଁ ଗଡ଼ଶ୍ରୀରାମପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଟିକେଟ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବଳବନ୍ତରାୟ, ଜିଲା ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ଆମ ସଂଗଠନ ଅଧକ୍ଷ ଚନ୍ଦନ ପାତ୍ର, ବ୍ଲକ ବିଜେଡି ସଭାପତି କିଶୋର ଜେନା, ଅର୍ଜୁନ ଜେନାମଣି, ତ୍ରିବିକ୍ରମ ଦାଶ, ରାଜକିଶୋର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଜିଲା ସଭାପତି ଆମ ସଂଗଠନର ପ୍ରତ୍ୟାଶୀ ଭାବେ ୬ଜଣଙ୍କୁ ଟିକେଟ ପ୍ରଦାନ କରିଥିଲେ। ବାଲିଅନ୍ତା ବ୍ଲକର ୧୬ନଂ. ଜୋନ ପାଇଁ ମହେଶ୍ୱର ଦାସ, ୧୭ନଂ. ପାଇଁ କୁନମୁନ ଲେଙ୍କା, ୧୮ନଂ. ପାଇଁ ମଙ୍ଗରାଜ ବେହେରା, ବାଲିପାଟଣା ବ୍ଲକର ୧୯ନଂ. ଜୋନ ପ୍ରାର୍ଥୀ ଗଙ୍ଗାଧର ମଲ୍ଲିକ, ୨୦ନଂ. ଜୋନ ସୁକନ୍ୟା ସେଠୀ, ୨୧ନଂ. ପାଇଁ ପବିତ୍ର ମୋହନ ପଟେଲଙ୍କୁ ଦଳ ପକ୍ଷରୁ ଟିକେଟ ଦିଆଯାଇଥିଲା। ଶତପ୍ରତିଶତ ବିଜୟୀ ସମ୍ଭାବ୍ୟ ଓ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ନ ଥିବା ଯୋଗ୍ୟ ପ୍ରାର୍ଥୀଙ୍କୁ ଦଳ ପକ୍ଷରୁ ଚୟନ କରାଯାଇଥିବା ଜିଲା ସଭାପତି ସୂଚନା ଦେଇଥିଲେ। ଟିକେଟ ବଣ୍ଟନ କାର୍ଯ୍ୟରେ ବିଧାୟକ ଅନୁପସ୍ଥିତ ଥିଲେ। ଏ ନେଇ ଜିଲା ସଭାପତିଙ୍କୁ ପଚାରିବାରେ ସେ ଜାଣି ନ ଥିବା କହିଥିଲେ। ସେହିପରି ବିଧାୟକ ଢାଲିଙ୍କୁ ପଚାରିବାରୁ ଦଳର ନିଷ୍ପତ୍ତିକୁ ମାନିବାକୁ ପଡ଼ିବ। ଜଣେ ଶୃଙ୍ଖଳିତ କର୍ମୀ ଭାବେ ସବୁବେଳେ ଦଳ ନିଷ୍ପତ୍ତିକୁ ମାନିଆସିଛି, ଆଗକୁ ମଧ୍ୟ ଯାହା ନିର୍ଦ୍ଦେଶ ରହିବ ତାହା ମାନିବି ବୋଲି ବିଧାୟକ କହିଥିଲେ।

**ଜୟଦେବରେ ବିଜେଡିର ଜିଲା ପରିଷଦ ଟିକେଟ ବଣ୍ଟନ**

## ସ୍ଥାନାନ୍ତର ହେଲା ୟୁନିଟ୍-୧ ପରିବା ହାଟ

ଭୁବନେଶ୍ୱର, ୧୯।୧ (ବ୍ୟୁରୋ)

ସହରରେ ବର୍ଦ୍ଧିତ ସଂକ୍ରମଣରେ ରୋକ୍ ଦେବା ସହ ହାଟ ବଜାରର ଗହଳି ଏଡ଼ାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପର୍ଯ୍ୟାୟକ୍ରମେ ପରିବା ଓ ଆମିଷ ହାଟକୁ ଖୋଲା ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ରବିବାର ୟୁନିଟ୍-୪ ପରିବା ଓ ଆମିଷ ହାଟ ରେଡ୍‌କ୍ରସ ନିକଟରୁ ବିଡିଏ ଅଫିସ୍ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱକୁ ଉଠିଯାଇଥିବାବେଳେ ବୁଧବାରଠାରୁ ୟୁନିଟ-୧ର ପରିବା ମାର୍କେଟ ମଦର୍ସ ପବ୍ଲିକ୍ ସ୍କୁଲ୍ ପଡ଼ିଆକୁ ସ୍ଥାନାନ୍ତର ହୋଇଛି। ହାଟରେ କରୋନା ଗାଇଡ୍‌ଲାଇନ୍‌କୁ କଡାକଡି ପାଳନ କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟବସାୟୀଙ୍କ ପାଇଁ ଅସ୍ଥାୟୀ ପିଣ୍ଡି ତିଆରି କରାଯାଇଛି। ଦୋକାନ ମଧ୍ୟରେ ୬ଫୁଟର ଦୂରତା ବାଧ୍ୟତାମୂଳକ କରାଯାଇଛି। ତେବେ ପ୍ରଥମ ଦିନରେ ଲୋକେ ଜାଣିପାରି ନ ଥିବାରୁ ବେପାର କମ୍ ରହିଥିଲା।

## ଦୋଷୀ ବିରୋଧରେ ଫୌଜଦାରି ମାମଲା ଦାବି

**୨୨ରେ ଢିଙ୍କିଆ ଯିବ କଂଗ୍ରେସ ତଦନ୍ତକାରୀ ଟିମ**

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଜଗତ୍‌ସିଂହପୁର ଢିଙ୍କିଆରେ ପୋଲିସର ଲାଠିମାଡ଼ ଓ ବର୍ବରତାକୁ ନେଇ କଂଗ୍ରେସ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ଗ୍ରାମବାସୀଙ୍କ ବିରୋଧରେ ପୋଲିସ ଓ ପ୍ରଶାସନର ଆଚରଣ କମ୍ପାନୀର ପୋଷା ଗୁଣ୍ଡା ଭଳି ବୋଲି କଂଗ୍ରେସ କହିବା ସହ ମହିଳା ଓ ଶିଶୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ଭର୍ତ୍ସନା କରିଛି। ଦୋଷୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ପାଇଁ କଂଗ୍ରେସ ଦାବି କରିବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ ଟିମ୍ ଆସନ୍ତା ୨୨ ତାରିଖରେ ଢିଙ୍କିଆ ଗସ୍ତ କରିବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି।

ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ଢିଙ୍କିଆରେ ୨୦୦୬ ଜାନୁୟାରୀ ୨ କଳିଙ୍ଗ ନଗର ଗଣହତ୍ୟା ଘଟଣାର ପୁନରାବୃତ୍ତି କରାଯାଇଛି। ମା' ଭଉଣୀଙ୍କ ଆକ୍ରମଣକାରୀଙ୍କୁ ମୁଖ୍ୟମନ୍ତ୍ରୀ ସୁରକ୍ଷା ଦେଇ ଶଙ୍ଖାସୁରର ଆଚରଣ ଅନୁସରଣ କରୁଛନ୍ତି। କୋଇଲା ବ୍ଲକ ଆବଣ୍ଟନରେ ସହଯୋଗ କରି ଆଦିତ୍ୟ ବିର୍ଲା କମ୍ପାନୀଠାରୁ ବିଜେଡି ପାର୍ଟିକୁ ୮ କୋଟି ଟଙ୍କା ଚାନ୍ଦା ଆସିଥିବା ଯଥେଷ୍ଟ ପ୍ରମାଣ ରହିଛି। ଏବେ ପଞ୍ଚାୟତ ନିର୍ବାଚନ ପାଇଁ ଜିନ୍ଦଲ କମ୍ପାନୀଠାରୁ ମୋଟା ଅଙ୍କର ଅର୍ଥ ଆଣି ପୋଲିସ ଲଗାଇ ଢିଙ୍କିଆ ଗ୍ରାମବାସୀଙ୍କ ଉପରେ ବର୍ବରୋଚିତ ଆକ୍ରମଣ କରିଛନ୍ତି। ଦୋଷୀଙ୍କ ବିରୋଧରେ ଫୌଜଦାରି ମାମଲା କରି ତୁରନ୍ତ ଗିରଫ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଅଫିସରଙ୍କ ଥଇଥାନ, ପଛୁଆବର୍ଗ ସଂରକ୍ଷଣ ପ୍ରସଙ୍ଗରେ ଅଭିଯୋଗ କରିଛନ୍ତି।

# କ୍ୟାପିଟାଲ ହସ୍ପିଟାଲର ୧୩୦ କର୍ମଚାରୀ ଆକ୍ରାନ୍ତ

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

**ଓପିଡି ସମୟସୀମା ହ୍ରାସ**



ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲର ୧୩୦ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହାପରେ ବହିର୍ବିଭାଗ ରୋଗୀ ସେବା ବା ଓପିଡି ସେବା ସମୟକୁ ହ୍ରାସ କରାଯାଇଛି। ବୁଧବାର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆକ୍ରାନ୍ତଙ୍କ ମଧ୍ୟରେ ୪୦ଜଣ ଡାକ୍ତର, ୩୦ଜଣ ନର୍ସ, ୪୦ଜଣ ଟେକ୍ନିସିଆନ୍ ଓ ୧୦ରୁ ୧୫ଜଣ ଫାର୍ମାସିଷ୍ଟ ରହିଛନ୍ତି। ଏତେ ସଂଖ୍ୟକ କର୍ମଚାରୀ ସଂକ୍ରମିତ ହେବା ପରେ ଓପିଡିର ସମୟ ସୀମାକୁ ହ୍ରାସ କରାଯାଇଛି। ଏହା କେବଳ ସକାଳ ୮ଟାରୁ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ସଂକ୍ରମଣ ବୃଦ୍ଧି ପାଉଥିବାରୁ ଡ୍ୟୁଟିରେ ଥିବା ସମସ୍ତ କର୍ମଚାରୀ ଓ ରୋଗୀଙ୍କୁ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ହସ୍ପିଟାଲ ପକ୍ଷରୁ ଟେଲିମେଡିସିନ ସେବା ଆରମ୍ଭ କରାଯାଇ ରୋଗୀଙ୍କୁ ସେବା ଯୋଗାଇ ଦେବାକୁ ଯୋଜନା ହୋଇଛି। ଗତ ସପ୍ତାହରେ ହସ୍ପିଟାଲର ଡାକ୍ତରଙ୍କ ସମେତ ମୋଟ ୩୦ରୁ ଅଧିକ କର୍ମଚାରୀ ମଧ୍ୟ କରୋନା ସଂକ୍ରମିତ ହୋଇଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱର ଏମ୍ସରେ ଗତ ସପ୍ତାହରେ ପ୍ରାୟ ୨୫୦ଜଣ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ କରୋନା ସଂକ୍ରମିତ ହେବାରୁ ସୋମବାରରୁ ଓପିଡିକୁ ବନ୍ଦ କରି ଦିଆଯାଇଛି।

### ଭୁବନେଶ୍ୱରର ଆଉ ୯ ସ୍ଥାନ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଣ୍ଟେନମେଣ୍ଟ କଟକଣା ଲଗାଯାଉଛି। ବୁଧବାର ସହରର ଆଉ ୯ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଦକ୍ଷିଣପୂର୍ବ ଜୋନ୍‌ର ୭ଟି ଅଞ୍ଚଳ ହେଲା ଖାରବେଳ ନଗର ଅଞ୍ଚଳର ପ୍ଲଟ ନଂ-.ବି୧୦/୭, ୟୁନିଟ-୯ସ୍ଥିତ କ୍ୱାର୍ଟର ନଂ.ଏଫ୍-୪/୨, ଜୟଦୁର୍ଗା ନଗରର ପ୍ଲଟ ନଂ.୨୭ ବି, ଶହୀଦନଗରସ୍ଥିତ ଶ୍ରୀ ସୁଦର୍ଶନ ଟାୱାର ପ୍ଲଟ ନଂ.୭୦୪, ବମିଖାଲ ଛକସ୍ଥିତ ଗୀତାଞ୍ଜଳି ପ୍ୟାଲେସ ଅଞ୍ଚଳର ପ୍ଲଟ ନଂ.୬ଏବି, ଖାରପଡା ନିକଟ ୟୁକୋ ବ୍ୟାଙ୍କ ଅଞ୍ଚଳ ପ୍ଲଟ ନଂ.୪୦୩୬, ଟଙ୍କପାଣି ରୋଡ୍ ବ୍ରହ୍ମେଶ୍ୱର ବାଗର ପ୍ଲଟ ନଂ.୩୬। ସେହିପରି ଦକ୍ଷିଣ-ପଶ୍ଚିମ ଜୋନରେ ୨ଟି ୱାର୍ଡ ନଂ.୪୯ ଅନ୍ତର୍ଗତ ଆଇଗିଣିଆସ୍ଥିତ ଖଣ୍ଡଗିରି ପ୍ଲାଜାର ପ୍ଲଟ ନଂ.କେ ୨୫ ଓ ୱାର୍ଡ ନଂ.୬୨ ଅନ୍ତର୍ଗତ ପୋଖରିପୁଟ ଅଞ୍ଚଳର କୋକିଳା ବିହାରର ପ୍ଲଟ ନଂ.୫୦୧/୧୭୮୭।

## ସଂକ୍ଷେପରେ

### ସନ୍ଥ ବାହୁଡ଼ା ଦାସଙ୍କ ବାର୍ଷିକ ମହୋତ୍ସବ

ଫୁଲନଖରା, ୧୯।୧(ଡି.ଏନ.ଏ.)- କଟକ ସଦର ଥାନା ଅନ୍ତର୍ଗତ କୁଶକଣ୍ଟା ଠାରେ ସନ୍ଥ ବାହୁଡ଼ା ଦାସଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସନ୍ଥ ବାହୁଡ଼ା ଦାସ ଭୋଇ ସମାଜ ବିକାଶ ପରିଷଦର ସଭାପତି ଗିରିଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ସନ୍ଥ ଦାସଙ୍କ ପୂଜାର୍ଚ୍ଚନା କରିଥିଲେ। ପରିଷଦର ସମ୍ପାଦକ ଅତୁଲ୍ୟ ନାୟକ, ଉପଦେଷ୍ଟା ଲକ୍ଷ୍ମୀଧର ଭୋଇ, କୋଷାଧ୍ୟକ୍ଷ ବାବୁଲି ଦାସ, ବାବାଜୀ ଭୋଇ, ସଞ୍ଜୟ ସାମଲ, ବଟ ଭଞ୍ଜ, ସୁବ୍ରତ ମହାପାତ୍ର, ଅଭୟ ଭୋଇ, କ୍ଷୀରୋଦ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋଭିଡ୍ ପରୀକ୍ଷା, ୨୦ ପଜିଟିଭ ଚିହ୍ନଟ

ଖୁଣ୍ଟୁଣୀ, ୧୯।୧(ଡି.ଏନ.ଏ.)- ଖୁଣ୍ଟୁଣୀ ଥାନା ଅଞ୍ଚଳରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଖୁଣ୍ଟୁଣୀ, ବ୍ରହ୍ମପୁର ଓ ଗୁରୁଡିଝାଟିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର କୋଭିଡ୍ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦ ଜଣ କରୋନା ଆକ୍ରାନ୍ତ ହୋଇଥିବା ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ ଦାସ କହିଛନ୍ତି।

### ସାହାଡେଶ୍ୱରୀଙ୍କ ବାର୍ଷିକ ଉତ୍ସବ

ଫୁଲନଖରା, ୧୯।୧(ଡି.ଏନ.ଏ.)- କଟକ ସଦର ଥାନା ଅନ୍ତର୍ଗତ ସନ୍ତୋଳ ନଗରାଠାରେ ମା' ସାହାଡେଶ୍ୱରୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଘଟ ସ୍ଥାପନ, ଷୋଡ଼ଶ ଉପଚାର ପୂଜା ଓ ସନ୍ଧ୍ୟା ଆଳତି କରାଯାଇଥିଲା। ବାବୁ ରଞ୍ଜନ ଦାସ ଓ ଅଜିତ କୁମାର ଭୋଇ ଭଜନ ପରିବେଷଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ମା' ସାହାଡେଶ୍ୱରୀ ସେବକ ସଂଘ ସଭାପତି ଧରଣୀଧର ଭୋଇ, ସମ୍ପାଦକ ରମାକାନ୍ତ ଭୋଇ, ଚୈତନ୍ୟ ଭୋଇ, ପୁନାନନ୍ଦ ଭୋଇ, ଭଗବାନ ଭୋଇ ଓ ଲୋକନାଥ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜନହିତକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ

କଟକ ଅଫିସ,୧୯।୧- ବିଜୁ ଯୁବ ଜନତା ଦଳର ଉପସଭାପତି ଲୋକନାଥ ଲେଙ୍କା ସ୍ଥାନୀୟ ଷ୍ଟେଶନ ବଜାରସ୍ଥିତ ମଠସାହିଠାରେ ଥିବା ନିଜ ବାସଭବନରେ ଜନହିତକାରୀ କାର୍ଯ୍ୟାଳୟ ଖୋଲିଛନ୍ତି। ଏହାକୁ ଦିବ୍ୟାଙ୍ଗ ପ୍ରଦୀପ କୁମାର ରାଉତ ଓ ସଞ୍ଜୟ ମହାପାତ୍ର ବୁଧବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲେଙ୍କା କହିଥିଲେ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏହି କାର୍ଯ୍ୟାଳୟ ଖୋଲିଛି। ରାଶନ କାର୍ଡ, ଭୋଟ୍ ପରିଚୟପତ୍ର, ଇ-ଶ୍ରମ କାର୍ଡ, ହେଲ୍‌ଥ କାର୍ଡ, ଜନ୍ମ-ମୃତ୍ୟୁ ପଞ୍ଜୀକରଣ ପ୍ରମାଣପତ୍ର, ବରିଷ୍ଠ ନାଗରିକ ପରିଚୟପତ୍ର, ଭେଣ୍ଡିଂ ଜୋନ ସମେତ ସମସ୍ତ ପ୍ରକାର ଅନ୍‌ଲାଇନ ପଞ୍ଜୀକରଣର ଆବେଦନ ବିନା ମୂଲ୍ୟରେ ଏଠାରେ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ନଗର କଂଗ୍ରେସ ପକ୍ଷରୁ ନିର୍ବାଚନ ପରିଚାଳନା କମିଟି ଗଠନ

କଟକ ଅଫିସ, ୧୯।୧- ଆଗାମୀ ପୌର ନିର୍ବାଚନ ପରିପ୍ରେକ୍ଷୀରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନ ପରିଚାଳନା କମିଟି ଗଠନ କରାଯାଇଛି। ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ପ୍ରସ୍ତାବକ୍ରମେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଉକ୍ତ କମିଟି ଗଠନ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ଭାବେ ଦଳୀୟ ନେତା ବିଶ୍ୱଜିତ ଦାସ, ସଂଯୋଜକ ଭାବେ ଶରତ ଚନ୍ଦ୍ର ସେଠୀଙ୍କୁ ମନୋନୀତ କରାଯାଇଛି। ସେହିପରି କମିଟିର ସଦସ୍ୟ ଭାବେ ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ମହମ୍ମଦ ଅଲିମ, ବିକି ଚକ୍ରବର୍ତ୍ତୀ, ସେକ୍ ଜିଆଉଦ୍ଦିନ, ସନ୍ତୋଷ ଭୋଳ, ନିତ୍ୟାନନ୍ଦ ରାଉତରାୟ, କମଲେଶ ସାଗର, ଅଶ୍ୱିନୀ ମହାରଣା, ତୃପ୍ତି ଦାସ, ମାନସ ପରିଡା ଏବଂ ଏନ. ନୀଳାଦ୍ରି ରାଓ ରହିଛନ୍ତି। ଏଥିସହ କମିଟିରେ ନିମନ୍ତ୍ରିତ ସଦସ୍ୟ ଭାବେ ସିଏମ୍‌ସି ଅନ୍ତର୍ଗତ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଓ ନଗର କଂଗ୍ରେସର ୯ଟି ବ୍ଲକ କଂଗ୍ରେସ କମିଟି ସଭାପତି ରହିବେ ବୋଲି ବେହେରା ବୁଧବାର ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଲୁକ୍କାୟିତ ସ୍ତରରୁ ବିକାଶ ପଥରେ

**ସମବେଦନା ନୁହେଁ, ସମାନତାର ଲଢ଼େଇ। ସମାଜରେ ଭିନ୍ନ ଏକ ଶବ୍ଦରୁ ବାହାରକୁ ଆସିବାର ଚେଷ୍ଟା। ନିଜ ପାଇଁ ଅଧିକାର ସୃଷ୍ଟି କରିବାର ପ୍ରୟାସ। ସହିବାକୁ ପଡ଼ିଛି, ଆଜିବି ସହୁଛନ୍ତି କେତେ କଷ୍ଟ ଓ ଯନ୍ତ୍ରଣା। ସଂଘର୍ଷ ଭିତରେ ନିଜ ପାଇଁ ତିଆରି କରିସାରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ସକ୍ଷମ ରୂପକ ସଫଳତାର ଶିଡ଼ିରେ ଚଢ଼ି ପାଲଟିଯାଇଛନ୍ତି ଅନନ୍ୟା। ଉଦାହରଣ ସାଜିଛନ୍ତି, ପ୍ରେରଣା ଯୋଗାଉଛନ୍ତି ଅନେକଙ୍କୁ। ଆଉ ସାହସର ସହ କହୁଛନ୍ତି, ହଁ ମୁଁ କିନ୍ନର। ୨୦୧୪ ଏପ୍ରିଲ ୧୫ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ତୃତୀୟ ଲିଙ୍ଗ ବା କିନ୍ନରଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିଛି। ୨୦୧୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ୨୦,୩୩୨ ହୋଇଥିବାବେଳେ ବର୍ତ୍ତମାନ ଏହା ୭୦ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ଅନୁମାନ କରାଯାଉଛି। ସବୁ ବର୍ଗଙ୍କ ପରି ସେମାନଙ୍କ ପାଇଁ ମଧ୍ୟ ସରକାର ବହୁ କଲ୍ୟାଣକାରୀ ଯୋଜନା ଓ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ବିଶେଷକରି ଓଡ଼ିଶାରେ କିନ୍ନର ସମ୍ପ୍ରଦାୟ ଏକ ଲୁକ୍କାୟିତ ସ୍ତରରୁ ବିକାଶ ଆଡକୁ ଅଗ୍ରସର ହେଉଥିବା ଦେଖିବାକୁ ମିଳୁଛି। ରାଜନୀତି, ସାମାଜିକ ସେବା, ସୁନ୍ଦରୀ ପ୍ରତିଯୋଗିତା ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କେତେଜଣ କିନ୍ନରଙ୍କ ମତାମତକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**



### କିନ୍ନରଙ୍କୁ ସୁଯୋଗ ଦେଲେ ନୂଆ ପରିବର୍ତ୍ତନ ଆସିବ



କିନ୍ନରମାନେ ସମାଜ ଓ ଜୀବନର ପ୍ରତ୍ୟେକ ସୋପାନରୁ କଷଟି ହୋଇ ଆସିଛନ୍ତି। ସେମାନେ ସକ୍ରିୟ ରାଜନୀତିକୁ ଆସିଲେ ସମାଜରେ ନୂଆ ପରିବର୍ତ୍ତନ ଆଣିପାରିବେ। ସୁଯୋଗ ମିଳିଲେ ଆମେମାନେ ଜଣେ ଜଣେ ସଫଳ ରାଜନୀତିଜ୍ଞ ହୋଇପାରିବୁ ବୋଲି ରାଜ୍ୟ ସରକାରଙ୍କ 'ମୋ ପରିବାର' ଦାୟିତ୍ୱରେ ଥିବା ବିଜେଡି ରାଜ୍ୟ ସମ୍ପାଦିକା ତଥା କୋରାପୁଟ ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡ଼ା କହିଛନ୍ତି। ସେ କହିଛନ୍ତି, ମହାଭାରତ ସମୟରୁ ଏଯାଏ ନୀତି ଓ ରାଜନୀତି କ୍ଷେତ୍ରରେ କିନ୍ନରମାନେ ପ୍ରମୁଖ ଭୂମିକା ତୁଲାଇଆସିଛନ୍ତି। ବର୍ତ୍ତମାନ ଏ କ୍ଷେତ୍ରରେ ଆହୁରି ସୁଯୋଗ ଦିଆଯିବା ଆବଶ୍ୟକ।

### ରୋଗୀଙ୍କ ସେବା କରି ଗର୍ବ ଅନୁଭବ କରୁଛି

କୋଭିଡ୍ ଆରମ୍ଭରେ ରୋଗୀଙ୍କ ସେବାରେ, ଆଉ ଏବେ ଟିକାକରଣରେ ନିଜକୁ ସାମିଲ କରିଛନ୍ତି ପ୍ରିନ୍‌ସେସ୍ କିନ୍ନର। ସେ କୁହନ୍ତି, ରୋଗୀଙ୍କ ସେବା କରି ନିଜକୁ ଗର୍ବ ଅନୁଭବ କରୁଛି। କରୋନା ସମୟରେ ନିଜ କ୍ଷେତ୍ରରେ ଅନେକ ସମସ୍ୟା ଉପୁଜିଥିଲେ ମଧ୍ୟ ରୋଗୀଙ୍କ ପାଇଁ ସେବା କରିବାକୁ ଆଗେଇ ଆସିଥିଲି। ମହାମାରୀ ଏହି ସୁଯୋଗ ଦେଇଥିଲା। ରାଉରକେଲାର ବିପିୟୁଟି କୋଭିଡ୍ କେୟାର ସେଣ୍ଟରରେ ପ୍ରଥମ କିନ୍ନର କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲି। ସରକାରଙ୍କ ପକ୍ଷରୁ ମୋତେ ସେମିତି କିଛି ସୁଯୋଗ ଦିଆଯାଇ ନ ଥିବା ସେ କହିଛନ୍ତି।



### ମିସ୍ ଟ୍ରାନ୍ସ କୁଇନ୍ ହେବାକୁ ସ୍ୱପ୍ନ

ଜଣେ ମଡେଲ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଆୟେଶା ବେହେରା। ସେ କୁହନ୍ତି, ନିଜର ସୁନ୍ଦରତାକୁ ବାହାରକୁ ଆଣିବାକୁ ହେଲେ କୌଣସି ବର୍ଗର ଆବଶ୍ୟକତା ନ ଥାଏ। କିନ୍ତୁ ଓଡ଼ିଶାରେ ମଡେଲିଂ ପାଇଁ ବିଶେଷ ବ୍ୟବସ୍ଥା ନାହିଁ। ଏହା ସତ୍ତ୍ୱେ ବି ମୁଁ ଓଡ଼ିଶାରେ ହିଁ ରହି ପ୍ରସ୍ତୁତ ହେବା ସହ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଉଦ୍ୟମ କରିବି। ମିସ୍ ଇଣ୍ଡିଆ ନୟନତାରା-୨୦୨୦ ପ୍ରତିଯୋଗିତାରେ ୬ନମ୍ବର ସ୍ଥାନରେ ରହିଥିବା ଆୟେଶା ମିସ୍ ଟ୍ରାନ୍ସ କୁଇନ୍ ଇଣ୍ଡିଆ ମୁକୁଟ ପିନ୍ଧିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



### ସଚେତନ ହୋଇ ନିଜ ଅଧିକାର ହାସଲ କରନ୍ତୁ



ସାମାଜିକ କ୍ଷେତ୍ରରେ ନିଜକୁ ସାମିଲ କରି ନୂଆ ପରିଚୟ ପାଇଛନ୍ତି ସାଧନା ମିଶ୍ର। ସୋସିଆଲ ଡେଭେଲପ୍‌ମେଣ୍ଟ କାର୍ଯ୍ୟକର୍ତ୍ତା ଭାବେ କିପରେ କାର୍ଯ୍ୟ କରୁଥିବା ସାଧନା କୁହନ୍ତି, ସରକାରଙ୍କ ପକ୍ଷରୁ ରାଶନ କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ବିଭିନ୍ନ ସୁବିଧାସୁଯୋଗ ଦିଆଯାଉଥିଲେ ମଧ୍ୟ ସମସ୍ୟା ଦୂର ହୋଇନି। ତେଣୁ ପ୍ରତ୍ୟେକ ସମସ୍ୟାକୁ ଆହ୍ୱାନ ଭାବେ ଗ୍ରହଣ କରି ସମାଜରେ ଛିଡ଼ା ହେବା ଉଚିତ୍। ସଚେତନ ହୋଇ ନିଜ ଅଧିକାର ହାସଲ କରିବା ଆବଶ୍ୟକ।

### କାଗଜ କଲମରେ ସୀମିତ ନ ରହୁ ଯୋଜନା

ଶିକ୍ଷା ହେଉ କି ରୋଜଗାର, ସବୁ କ୍ଷେତ୍ରରେ ମିଳୁଥିବା ସୁବିଧାସୁଯୋଗ କେବଳ କାଗଜ କଲମରେ ସୀମିତ ରହିଯାଉଛି। ଖୁବ୍ କମ୍‌ଜଣ କିନ୍ନର ନିଜ ଚେଷ୍ଟାରେ ଆଗକୁ ଆସି ପାରିଛନ୍ତି। ସ୍ୱାବଲମ୍ବୀ ହେବା ପାଇଁ ଉପଯୁକ୍ତ ତାଲିମର ଅଭାବ ରହିଛି ବୋଲି ହାଉସିଂ ଆଣ୍ଡ୍ ରୁରାଲ ଡେଭେଲପ୍‌ମେଣ୍ଟ ବିଭାଗର ଜାତୀୟ ସହରାଞ୍ଚଳ ଜୀବନ ଜୀବିକା ମିଶନରେ କଟକ ସିଟି ମିଶନ ମ୍ୟାନେଜର ଭାବେ କାମ କରୁଥିବା ସୋନି ସିଲ କହିଛନ୍ତି। ସେ ନିଜ ଚେଷ୍ଟାରେ କେତେଜଣ ଅଳ୍ପଶିକ୍ଷିତ କିନ୍ନରଙ୍କୁ ରୋଜଗାର କ୍ଷମ କରାଇବାରେ ସଫଳ ହୋଇଛନ୍ତି। ସେ କୁହନ୍ତି, ସ୍ୱାବଲମ୍ବୀ ହେଉ ଅବା ଚାକିରି ପାଇଁ କିନ୍ନରଙ୍କୁ ଶିକ୍ଷା ସହ ଉପଯୁକ୍ତ ପ୍ରଶିକ୍ଷଣ ଆବଶ୍ୟକ ରହିଛି।



### ବିକାଶ ନାଁରେ ଆମେ ଅବହେଳିତ

ଯେଉଁ କେତେଜଣ କିନ୍ନର ବିବାହ କରି ସଂସାର ଗଢ଼ିଛନ୍ତି ସେମାନଙ୍କ ମଧ୍ୟରେ ମେଘନା ସାହୁ ଅନ୍ୟତମ। ସ୍ୱାମୀ ଓ ଏକ ପୁଅ ସହ ସେ ବେଶ୍ ଖୁସିରେ ଅଛନ୍ତି। ଚେଷ୍ଟା କରି ନିଜକୁ ଅନେକ କ୍ଷେତ୍ରରେ ସଫଳ ବୋଲି ପ୍ରମାଣ କଲେ ବି ସମାଜରେ ଆଜି କିନ୍ନର ସମ୍ପ୍ରଦାୟ ଅବହେଳିତ, ନିଷ୍ପେଷିତ। ଖୁବ୍ କମ୍ ଲୋକ ସେମାନଙ୍କୁ ଗ୍ରହଣ କରନ୍ତି। ସମାଜରେ ମଣିଷ ଭଳି ବଞ୍ଚିବାର ସ୍ୱୀକୃତି ଆଶାରେ ଆଜି ବି ଅନେକେ ଅପେକ୍ଷାରତ ।



ରିପୋର୍ଟ-ଶର୍ମିଷ୍ଠା ପାଣିଗ୍ରାହୀ



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବ୍ୟବହିତ ପୂର୍ବରୁ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ।

## ଲିଙ୍ଗ ନିରୂପଣ ମାମଲା: ୨ ଦଲାଲ ଗିରଫ

କଟକ ଅଫିସ,୧୯।୧

ବେଆଇନ ଲିଙ୍ଗ ନିରୂପଣ ମାମଲାରେ ମଙ୍ଗଳାବାଗ ପୋଲିସ ୨ଜଣ ଦଲାଲଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ପୋପରଡା ଗ୍ରାମର ସନ୍ତୋଷ କୁମାର ଲେଙ୍କା(୩୪) ଓ ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ବରୀ ଦରଘାର ହୃଷୀକେଶ ସାହୁ(୪୩)। ମଙ୍ଗଳାବାଗ କାଠଗୋଲା ସାହି ଅଞ୍ଚଳର ଡାଇଗ୍ନୋଟିକ୍ ସେଣ୍ଟର ଆଲ୍‌ଫା ହେଲ୍‌ଥ କେୟାରରେ ବେଆଇନ ଭାବେ ଲିଙ୍ଗ ନିରୂପଣ ହେଉଥିବା ନେଇ ଗତ ୧୭ ତାରିଖରେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅଧୀନ କଣ୍ଡିରାର ଅଜୟ ଦାସ(୪୭) ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଚଢାଉ କରି ଉକ୍ତ ସେଣ୍ଟରର ମାଲିକ ପ୍ରସନ୍ନ କୁମାର ସାହୁ ଓ କର୍ମଚାରୀ ବସନ୍ତ କୁମାର ବର୍ଦ୍ଧନଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଜେରା କରାଯିବା ପରେ ସନ୍ତୋଷ ଓ ହୃଷୀକେଶଙ୍କୁ ପୋଲିସ ଗିରଫ କରିଛି। ଏମାନେ ଲିଙ୍ଗ ନିରୂପଣ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ରାଜ୍ୟରେ ବିଭିନ୍ନ ଅଞ୍ଚଳର ଗର୍ଭବତୀମାନଙ୍କୁ ଯୋଗାଡ କରୁଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା।

## ବିଜେଡିର ଜିଲା ପରିଷଦ ପ୍ରାର୍ଥୀଙ୍କ ନାମ ଘୋଷଣା

ନିଶ୍ଚିନ୍ତକୋଇଲି,୧୯।୧(ସ୍ୱ.ପ୍ର.)

କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକର ୨ଟି ଜିଲା ପରିଷଦ ଜୋନ ନିମନ୍ତେ ବିଜେଡି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ନିଶ୍ଚିନ୍ତକୋଇଲି ୨୫ ନଂ. ଜୋନ ପାଇଁ ବିଳାସ କୁମାର ଭୋଇ, ୨୮ ନଂ. ଜୋନ ଲାଗି ଶୁଭଶ୍ରୀ ମହାନ୍ତିଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରାଯାଇଥିବା ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସୂତ୍ରରୁ ପ୍ରକାଶ।

### ଅବକାରୀ ବିଭାଗ ଚଢ଼ାଉ, ମଦ ସହ ପୋଚ ନଷ୍ଟ

ଆଠଗଡ, ୧୯।୧(ସ୍ୱ.ପ୍ର.)

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ କୋରଙ୍ଗା ଗ୍ରାମରେ ବୁଧବାର ଚଢ଼ାଉ କରାଯାଇଥିଲା। ଏକ ମଦ ଭାଟିରୁ ୪୭୬୦ ଲିଟର ଗୁଡ଼ ପୋଚ ସହ ୨୪୦ ଲିଟର ଦେଶୀ ରନ୍ଧା ମଦ ଜବତ ସହିତ ନଷ୍ଟ କରାଯାଇଛି। ଆଠଗଡ଼ ଅବକାରୀ ବିଭାଗ ସହ କଟକ ଜିଲା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଏହି ଚଢାଉରେ ସାମିଲ ହୋଇଥିଲେ।

### ତୃତୀୟ ଦିନରେ ୫୯୫ ପ୍ରାର୍ଥୀପତ୍ର ଦାଖଲ

ଟିଗିରିଆ/ ନିଶ୍ଚିନ୍ତକୋଇଲି, ୧୯।୧(ଡି.ଏନ.ଏ./ ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ବୁଧବାର ତୃତୀୟ ଦିବସରେ ଟିଗିରିଆ ବ୍ଲକର ୯ ସରପଞ୍ଚ, ୭ ସମିତିସଭ୍ୟ ଏବଂ ୯୩ ୱାର୍ଡସଭ୍ୟ ମୋଟ୍ ୧୦୯ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏନେଇ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଶରତ ଲେଙ୍କା ସୂଚନା ଦେଇଛନ୍ତି। ସେଥିରେ ଭିରୁଡ଼ା ପଞ୍ଚାୟତରେ ୩ଜଣ, ବିନ୍ଧାଣିମାରେ ୨, ପୁରୁଣାଟିଗିରିଆରେ ୨, ବାଲିପୁଟ ଏବଂ ନିଜିଗଡ଼ରେ ଜଣେ ଲେଖାଏ ସରପଞ୍ଚ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସମିତିସଭ୍ୟ ପଦବୀ ପାଇଁ ଅଚଳକୋଟରେ ୩ଜଣ, ପୁରୁଣାଟିଗିରିଆରେ ୨ ଏବଂ ବିନ୍ଧାଣିମା ଓ ଜେମାଦେଇପୁର ପଞ୍ଚାୟତରେ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୱାର୍ଡସଭ୍ୟ ପାଇଁ ପୁରୁଣାଟିଗିରିଆରେ ୧୬, ଗଦାଧରପୁର ଓ ନିଜିଗଡ଼ରେ ୧୪ ଲେଖାଏ, ନୂଆପାଟଣାରେ ୧୧, ବାଲିପୁଟ, ଜେମାଦେଇପୁର, ପାଞ୍ଚଗାଁ ଓ ବିନ୍ଧାଣିମାରେ ୭ଜଣ ଲେଖାଏ, ହାଟମାଳରେ ୬, ଭୋଗଡ଼ା ଓ ସୋମପଡ଼ାରେ ୨ଜଣ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତରେ ୪୮୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ୱାର୍ଡ ସଭ୍ୟ ପାଇଁ ୩୭୨ ଜଣ, ସରପଞ୍ଚ ନିମନ୍ତେ ୫୯ ଜଣ, ସମିତି ସଭ୍ୟ ଲାଗି ୫୫ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## ବ୍ଲକ କାର୍ଯ୍ୟାଳୟ କାନ୍ଥରେ ସରକାରୀ ସୂଚନା ଫଳକ

କଟକ ସଦର, ୧୯।୧(ଡି.ଏନ.ଏ.)

**ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। କୌଣସି କାର୍ଯ୍ୟାଳୟରେ ସରକାରଙ୍କ ସଫଳତା ସମ୍ପର୍କିତ ବ୍ୟାନର, ପୋଷ୍ଟର ଓ ସାଇନ୍‌ବୋର୍ଡ ଲାଗିପାରିବ ନାହିଁ। ହେଲେ କଟକ ସଦର ବ୍ଲକ କାର୍ଯ୍ୟାଳୟ କାନ୍ଥରେ ସରକାରଙ୍କ ସଫଳତା ସମ୍ପର୍କିତ ବ୍ୟାନର ଅଦ୍ୟାବଧି ଲାଗିଥିବା ସମ୍ପର୍କରେ ଭାଜପା କଟକ ଜିଲା ଉପସଭାପତି ତଥା ଆୟତପୁର ପଞ୍ଚାୟତ ସମିତିସଭ୍ୟ ଗୋକୁଳ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏହାଛଡା କେତେକ ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଶାସକ ଦଳର ନେତାଙ୍କ ଫଟୋ ସମ୍ବଳିତ ବ୍ୟାନର ଝୁଲୁଥିବା ପ୍ରଧାନ କହିଛନ୍ତି, ଯାହା ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରୁଛି। ଏ ସମ୍ପର୍କରେ ବ୍ଲକ ନିର୍ବାଚନ ଅଧିକାରୀ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ଏ ବିଷୟ ତାଙ୍କ ନଜରକୁ ଆସିନାହିଁ ବୋଲି କହିଥିଲେ।

## ଉତ୍ତମ ବୁଝାମଣା ଦ୍ୱାରା ଆନୁଷ୍ଠାନିକ ବିକାଶ ସମ୍ଭବ

କଟକ ଅଫିସ, ୧୯।୧

ଉତ୍ତମ ବୁଝାମଣା, ପାରସ୍ପରିକ ସହଯୋଗ ବୃଦ୍ଧି ଦ୍ୱାରା ବ୍ୟକ୍ତି ଓ ଆନୁଷ୍ଠାନିକ ବିକାଶ ସାଧିତ ହୋଇଥାଏ। ଏଣୁ ପାରସ୍ପରିକ ସହଯୋଗ ପ୍ରତି ଯତ୍ନବାନ ହେବାକୁ ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ଟାଙ୍ଗୀସ୍ଥିତ ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ ନର୍ସିଂରେ ପାରସ୍ପରିକ ସହଯୋଗ ବୃଦ୍ଧି ସମ୍ପର୍କିତ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ୍ରିମ୍‌ସର ସ୍ୱପ୍ନଦ୍ରଷ୍ଟା ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ପି. କଙ୍ଗନେଶ୍ୱରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ବିଶ୍ୱଜିତ୍ କାନୁନ୍‌ଗୋ, ଡା. ଦୁର୍ଗାଚରଣ ମିଶ୍ର, ଡା. ମେହେବୁବ୍ ଅଲ୍ଲୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଉପସ୍ଥିତ ଥିଲେ। ଅଧ୍ୟାପକ ଫନୀନ୍ଦ୍ରରେଡ୍ଡି ଭାଧୁରୀ କାର୍ଯ୍ୟକ୍ରମ ସଂଯୋଜନା ଓ ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।

## ୮ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ଆଠଗଡ଼, ୧୯।୧ (ସ୍ୱ.ପ୍ର.)

ଆଠଗଡ଼-ଟିଗିରିଆ ଏବଂ ବଡ଼ମ୍ବା-ନରସିଂହପୁର ନିର୍ବାଚନମଣ୍ଡଳୀରୁ ବୁଧବାର ୮ ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଠଗଡ଼ରୁ ବିଜେଡି ପ୍ରାର୍ଥୀ ଭାବେ ବଳଭଦ୍ର ବାଘ ଏବଂ ସ୍ୱାଧୀନ ପ୍ରାର୍ଥୀ ରବି ନାରାୟଣ କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଟିଗିରିଆ ବ୍ଲକରୁ ବିଜେଡି ପ୍ରାର୍ଥୀ ସଞ୍ଜୟ ମଲ୍ଲିକ ଏବଂ ସସ୍ମିତା ରାଉତ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ନରସିଂହପୁରରୁ ବିଜେଡି ପ୍ରାର୍ଥୀ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଗୀତାଞ୍ଜଳି ପାତ୍ର, ଅଜୟ ପଣ୍ଡା ଏବଂ କିଶୋର ମିଶ୍ର ଆଠଗଡ଼ ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ଆଠଗଡ଼ ବ୍ଲକରେ ୧୫ ସମିତିସଭ୍ୟ, ୩୬ ଜଣ ସରପଞ୍ଚ ଏବଂ ୧୪୨ ଜଣ ୱାର୍ଡ ମେମ୍ବର ପାଇଁ ନାମାଙ୍କନ ଦାଖଲ କରିଥିବା ସୂଚନା ମିଳିଛି।

## ଫେବୃୟାରୀ ଶେଷ ସୁଦ୍ଧା କମିପାରେ କରୋନା ସଂକ୍ରମଣ

କଟକ ଅଫିସ, ୧୯।୧

କଟକ ଜିଲାରେ କୋଭିଡ୍ ଗ୍ରାଫ ଉପରମୁହାଁ ରହିଛି। ବୁଧବାର ଜିଲାରୁ ୮୦୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆଠଗଡରୁ ୨୧, ଡମପଡା ଓ ଆଠଗଡ ଏନ୍‌ଏସିରୁ ଜଣେ ଲେଖାଏ, ଚୌଦ୍ୱାରରୁ ୯, ନିଆଳି ୨୭, ବଡମ୍ବା ୨୨, କଟକ ସଦର ୩୪, ମାହାଙ୍ଗା ୩୨, ନରସିଂହପୁର ୨୪, ନିଶ୍ଚିନ୍ତକୋଇଲି ୬, ବାଙ୍କୀ ୧୨, ବାରଙ୍ଗ ୨୦, ସାଲେପୁର ୨୫, କଣ୍ଟାପଡା ୧୭, ଟାଙ୍ଗୀ ଅଞ୍ଚଳରୁ ୪୬ ଆକ୍ରାନ୍ତ ରହିଛନ୍ତି। ତେବେ ସର୍ବାଧିକ ୪୯୬ ଆକ୍ରାନ୍ତ କଟକ ସହରରୁ ରହିଛନ୍ତି। ଏ ସମ୍ପର୍କରେ କଟକ ଏଡିଏମଓ ଉମେଶ ରାୟ ତାଙ୍କ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ଏହାର ପ୍ରଭାବ ପୂର୍ବଭଳି ନାହିଁ। ଯେଉଁମାନେ କରୋନାରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ନିକଟରେ ଗୁରୁତର ଲକ୍ଷଣ ଦେଖାଯାଉନାହିଁ। କେବଳ ଥଣ୍ଡା, ଜ୍ୱର ଭଳି ସାଧାରଣ ଲକ୍ଷଣ ଦେଖିବାକୁ ମିଳୁଛି। ଅଳ୍ପଦିନ ମଧ୍ୟରେ ସେମାନେ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି। ଟିକାକରଣ ଯୋଗୁ ଏହାକୁ ନିୟନ୍ତ୍ରଣ କରାଯାଇପାରୁଛି। ତେବେ ଫେବୃୟାରୀ ଶେଷ ସୁଦ୍ଧା କରୋନା ସଂକ୍ରମଣ କମିବ ବୋଲି ରାୟ କହିଛନ୍ତି। ଅପରପକ୍ଷେ ଏବେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ୧୨୯ ଜଣ କରୋନା ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩୫ ଜଣ ଅକ୍ସିଜେନ ସପୋର୍ଟ ଓ ୨ଜଣ ଭେଣ୍ଟିଲେଟରରେ ଅଛନ୍ତି।

### ଚଳନ୍ତା କାର୍ ଜଳିଗଲା



କଟକ ଅଫିସ,୧୯।୧

ମଧୁପାଟଣା ଓଭରବ୍ରିଜ ଉପରେ ବୁଧବାର ଏକ ଚଳନ୍ତା କାର ନିଆଁ ଲାଗି ଜଳିଯାଇଛି। ଏଥିରେ ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ କାରଟି କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଏହା ଦେଖି ଚାଳକ ବାହାରକୁ ପଳାଇ ଆସିଥିଲେ। ଦେଖୁଦେଖୁ କାରଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଖବରପାଇ ମଧୁପାଟଣା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟସର୍କିଟ୍ ଯୋଗୁ ଏପରି ଘଟିଥିବା ଅନୁମାନ କରାଯାଉଛି।

## ସଂକ୍ଷେପରେ

### ଗ୍ରାମାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବଢୁଛି

### ଦିନକରେ ୧୧୮ ଆକ୍ରାନ୍ତ

ଖୋର୍ଦ୍ଧା ଅଫିସ,୧୯।୧: ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୧୮ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୦୮ ଜଣ ସୁସ୍ଥ ହୋଇଛନ୍ତି। ସେଥିରୁ ବାଲିଅନ୍ତା ବ୍ଲକରୁ ୭, ବାଲିପାଟଣାରୁ ୩, ଭୁବନେଶ୍ୱର (ମେଣ୍ଢାଶାଳ)ରୁ ୧୬, ଜଟଣୀରୁ ୭, ଖୋର୍ଦ୍ଧାରୁ ୧୩, ବେଗୁନିଆରୁ ୨୨, ବୋଲଗଡ଼ରୁ ୬, ଟାଙ୍ଗୀରୁ ୧୩, ଚିଲିକାରୁ ୨ ଏବଂ ବାଣପୁର ବ୍ଲକରୁ ୨୯ଜଣ ରହିଛନ୍ତି। ଜିଲାରେ ମୋଟ ୩୧୧୭୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୩୦୪୪୨ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କୋଭିଡ୍‌ରେ ୪୪୨ଜଣଙ୍କ ମୃତ୍ୟୁ ଘଟିଛି। ୨୯୧ ଜଣ ସକ୍ରିୟ ସଂକ୍ରମିତ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ବିଜେଡିର ୬ ଜିଲା ପରିଷଦ ସଭ୍ୟଙ୍କ ନାମ ଘୋଷିତ

**ଖୋର୍ଦ୍ଧା ଅଫିସ,୧୯।୧:** ଖୋର୍ଦ୍ଧା ଜିଲାରେ ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଥିବା ବେଳେ ବିଜେଡି ପକ୍ଷରୁ ସମସ୍ତ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ମଙ୍ଗଳବାର ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ଟି ଆସନରୁ ବିଜେଡି ପ୍ରାର୍ଥୀଙ୍କ ନାମ ଜିଲା ସଭାପତି ବିଭୂତି ବଳବନ୍ତରାୟ ଘୋଷଣା କରିଥିଲେ। ବୁଧବାର ଆଉ କେତେକ ଜୋନର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳର ସୁପ୍ରିମୋଙ୍କ ମୋହର ବାଜିବା ପରେ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ଜିଲା ପରିଷଦ ଜୋନ-୧୬ରୁ ମହେଶ୍ୱର ଦାସ, ୧୭ରୁ କୁନମୁନ ଲେଙ୍କା, ୧୮ରୁ ମଙ୍ଗରାଜ ବେହେରା, ୧୯ରୁ ଗଙ୍ଗାଧର ମଲ୍ଲିକ, ୨୦ରୁ ସୁକନ୍ୟା ସେଠୀ, ୨୧ରୁ ପବିତ୍ର ମୋହନ ପଟେଲଙ୍କୁ ଦଳ ପ୍ରାର୍ଥୀ କରିଥିବା ବିଜେଡି ମିଡିଆ ସେଲ ସଂଯୋଜକ ସୂର୍ଯ୍ୟ ନାରାୟଣ ମହାନ୍ତି ସୂଚନା ଦେଇଛନ୍ତି।

### 'ପରସ୍ପର ମଧ୍ୟରେ ସ୍ନେହ ସମ୍ପର୍କ ସେତୁବନ୍ଧ ଯୋଡ଼'

**ଖୋର୍ଦ୍ଧା ଅଫିସ,୧୯।୧:** ଭୁବନେଶ୍ୱରରେ ପ୍ରବାସୀ ଓଡ଼ିଆ ବିକାଶ ସମିତି (ପିଓଭିଏସ)ର ସାଧାରଣ ପରିଷଦ ଓ କାର୍ଯ୍ୟକାରିଣୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଓଡ଼ିଆ ବିକାଶ ସମିତି ଏବଂ ରାଷ୍ଟ୍ରବାଦୀ ସ୍ୱୟଂସେବୀ ସଙ୍ଗଠନ ସର୍ବଭାରତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରବାସୀ ଓଡ଼ିଆଙ୍କୁ ସଙ୍ଗଠିତ କରିବା ଦିଗରେ କାର୍ଯ୍ୟ କରୁଛି। ଏହି ଅବସରରେ ଆଗାମୀ ଦୁଇବର୍ଷ ପାଇଁ କାର୍ଯ୍ୟକାରୀ ସମିତି ଲାଗି ୫୧ଜଣଙ୍କୁ ମନୋନୀତ କରାଯାଇଛି। ସୂର୍ଯ୍ୟନାରାୟଣ ମିଶ୍ର ସଭାପତି, ବିଜୟାନବମୀ ଦାସ ସାଧାରଣ ସମ୍ପାଦିକା, ସୁଶାନ୍ତ କୁମାର ମହାପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଭୁବନାନନ୍ଦ ପ୍ରଧାନ, ସୁଧୁ ବାରିକ ଏବଂ ବିଶ୍ୱନାଥ ବିଶୋୟୀ ପ୍ରମୁଖ ଯୋଗଦେଇଥିଲେ। ରାଜେଶ ଶର୍ମା ଓ କୃଷ୍ଣଚନ୍ଦ୍ର ସାହୁଙ୍କୁ ସଙ୍ଗଠନର ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଛି। ପ୍ରଫେସର ଅତନୁ ମହାପାତ୍ର ଦେଶ ବିଦେଶରେ ରହୁଥିବା ଓଡ଼ିଆଙ୍କୁ ସଙ୍ଗଠନର ସ୍ୱରୂପ ବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ପରସ୍ପର ମଧ୍ୟରେ ସ୍ନେହ ସମ୍ପର୍କ ସେତୁବନ୍ଧ ଯୋଡ଼ିବାକୁ ନୂତନ ସଭାପତି ପରାମର୍ଶ ଦେଇଥିଲେ। ସେବା ଓ ସମର୍ପଣ ଭାବରୁ ଏକ ଆଦର୍ଶ ସମାଜ ଏବଂ ଆଦର୍ଶ ସମାଜରୁ ଆଦର୍ଶ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ।

### ଟିକା କେନ୍ଦ୍ରରେ କଟକଣା ଉଲ୍ଲଂଘନ

**ନିରାକାରପୁର,୧୯।୧(ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ୧୫ରୁ ୧୮ ବର୍ଷ ଝିଅ ଓ ପୁଅଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ନିରାକାରପୁର ସରକାରୀ ମେଡିକାଲରେ ଥିବା କୋଭିଡ୍ ଟିକାଦାନ କେନ୍ଦ୍ରରେ ଉକ୍ତ ବୟସର ପିଲାଙ୍କୁ ଟିକା ଦିଆଯାଉଛି। ହେଲେ ଏହି କେନ୍ଦ୍ରରେ ଟିକା ନେବା ପାଇଁ ଅସମ୍ଭାଳ ଭିଡ଼ ଲାଗି ରହିଥିବା ବେଳେ ଖୁଲମଖୁଲା କୋଭିଡ୍ କଟକଣା ଉଲ୍ଲଂଘନ କରାଯାଉଥିବା ପରିଲକ୍ଷିତ ହେଉଛି। ଏପରିକି ଅଧିକାଂଶ ପିଲା ଓ ଆସୁଥିବା ଅଭିଭାବକଙ୍କ ମଧ୍ୟରେ ସାମାଜିକ ଦୂରତା ରହୁ ନ ଥିବାବେଳେ ମାସ୍କ ମଧ୍ୟ ଠିକ୍ ଭାବେ ପିନ୍ଧୁ ନ ଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ସଂକ୍ରମଣ ବଢୁଥିବାର ଆଶଙ୍କା ରହିଛି। ତେଣୁ ପ୍ରଶାସନ କିମ୍ବା ଟିକା କେନ୍ଦ୍ର ପକ୍ଷରୁ ଲୋକମାନଙ୍କୁ କୋଭିଡ୍ କଟକଣା ମାନି ଲାଇନ୍‌ରେ ଆସିବା ପାଇଁ କୁହାଯାଉ ବୋଲି ସାଧାରଣରେ ଦାବି ହୋଇଛି।

# ଲୁକ୍କାୟିତ ସ୍ତରରୁ ବିକାଶ ପଥରେ

**ସମବେଦନା ନୁହେଁ, ସମାନତାର ଲଢ଼େଇ। ସମାଜରେ ଭିନ୍ନ ଏକ ଶବ୍ଦରୁ ବାହାରକୁ ଆସିବାର ଚେଷ୍ଟା। ନିଜ ପାଇଁ ଅଧିକାର ସୃଷ୍ଟି କରିବାର ପ୍ରୟାସ। ସହିବାକୁ ପଡ଼ିଛି, ଆଜିବି ସହୁଛନ୍ତି କେତେ କଷ୍ଟ ଓ ଯନ୍ତ୍ରଣା। ସଂଘର୍ଷ ଭିତରେ ନିଜ ପାଇଁ ତିଆରି କରିସାରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ସକ୍ଷମ ରୂପକ ସଫଳତାର ଶିଡ଼ିରେ ଚଢ଼ି ପାଲଟିଯାଇଛନ୍ତି ଅନନ୍ୟା। ଉଦାହରଣ ସାଜିଛନ୍ତି, ପ୍ରେରଣା ଯୋଗାଉଛନ୍ତି ଅନେକଙ୍କୁ। ଆଉ ସାହସର ସହ କହୁଛନ୍ତି, ହଁ ମୁଁ କିନ୍ନର। ୨୦୧୪ ଏପ୍ରିଲ ୧୫ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ତୃତୀୟ ଲିଙ୍ଗ ବା କିନ୍ନରଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିଛି। ୨୦୧୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ୨୦,୩୩୨ ହୋଇଥିବାବେଳେ ବର୍ତ୍ତମାନ ଏହା ୭୦ ହଜାରରୁ ଉର୍ଦ୍ଧ୍ୱ ହୋଇଥିବା ଅନୁମାନ କରାଯାଉଛି। ସବୁ ବର୍ଗଙ୍କ ପରି ସେମାନଙ୍କ ପାଇଁ ମଧ୍ୟ ସରକାର ବହୁ କଲ୍ୟାଣକାରୀ ଯୋଜନା ଓ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ବିଶେଷକରି ଓଡ଼ିଶାରେ କିନ୍ନର ସମ୍ପ୍ରଦାୟ ଏକ ଲୁକ୍କାୟିତ ସ୍ତରରୁ ବିକାଶ ଆଡକୁ ଅଗ୍ରଗତି କରୁଥିବା ଦେଖିବାକୁ ମିଳୁଛି। ରାଜନୀତି, ସାମାଜିକ ସେବା, ସୁନ୍ଦରୀ ପ୍ରତିଯୋଗିତା ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କେତେଜଣ କିନ୍ନରଙ୍କ ମତାମତକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**



### କିନ୍ନରଙ୍କୁ ସୁଯୋଗ ଦେଲେ ନୂଆ ପରିବର୍ତ୍ତନ ଆସିବ



କିନ୍ନରମାନେ ସମାଜ ଓ ଜୀବନର ପ୍ରତ୍ୟେକ ସୋପାନରୁ କଷଟି ହୋଇ ଆସିଛନ୍ତି। ସେମାନେ ସକ୍ରିୟ ରାଜନୀତିକୁ ଆସିଲେ ସମାଜରେ ନୂଆ ପରିବର୍ତ୍ତନ ଆଣିପାରିବେ। ସୁଯୋଗ ମିଳିଲେ ଆମେମାନେ ଜଣେ ଜଣେ ସଫଳ ରାଜନୀତିଜ୍ଞ ହୋଇପାରିବୁ ବୋଲି ରାଜ୍ୟ ସରକାରଙ୍କ 'ମୋ ପରିବାର' ଦାୟିତ୍ୱରେ ଥିବା ବିଜେଡି ରାଜ୍ୟ ସମ୍ପାଦିକା ତଥା କୋରାପୁଟ ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡ଼ା କହିଛନ୍ତି। ସେ କହିଛନ୍ତି, ମହାଭାରତ ସମୟରୁ ଏଯାଏ ନୀତି ଓ ରାଜନୀତି କ୍ଷେତ୍ରରେ କିନ୍ନରମାନେ ପ୍ରମୁଖ ଭୂମିକା ତୁଲାଇଆସିଛନ୍ତି। ବର୍ତ୍ତମାନ ଏ କ୍ଷେତ୍ରରେ ଆହୁରି ସୁଯୋଗ ଦିଆଯିବା ଆବଶ୍ୟକ।

### ରୋଗୀଙ୍କ ସେବା କରି ଗର୍ବ ଅନୁଭବ କରୁଛି

କୋଭିଡ୍ ଆରମ୍ଭରେ ରୋଗୀଙ୍କ ସେବାରେ, ଆଉ ଏବେ ଟିକାକରଣରେ ନିଜକୁ ସାମିଲ କରିଛନ୍ତି ପ୍ରିନ୍‌ସେସ୍ କିନ୍ନର। ସେ କୁହନ୍ତି, ରୋଗୀଙ୍କ ସେବା କରି ନିଜକୁ ଗର୍ବ ଅନୁଭବ କରୁଛି। କରୋନା ସମୟରେ ନିଜ କ୍ଷେତ୍ରରେ ଅନେକ ସମସ୍ୟା ଉପୁଜିଥିଲେ ମଧ୍ୟ ରୋଗୀଙ୍କ ପାଇଁ ସେବା କରିବାକୁ ଆଗେଇ ଆସିଥିଲି। ମହାମାରୀ ଏହି ସୁଯୋଗ ଦେଇଥିଲା। ରାଉରକେଲାର ବିପିୟୁଟି କୋଭିଡ୍ କେୟାର ସେଣ୍ଟରରେ ପ୍ରଥମ କିନ୍ନର କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲି। ସରକାରଙ୍କ ପକ୍ଷରୁ ମୋତେ ସେମିତି କିଛି ସୁଯୋଗ ଦିଆଯାଇ ନ ଥିବା ସେ କହିଛନ୍ତି।



### ମିସ୍ ଟ୍ରାନ୍ସ କୁଇନ୍ ହେବାକୁ ସ୍ୱପ୍ନ

ଜଣେ ମଡେଲ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଆୟେଶା ବେହେରା। ସେ କୁହନ୍ତି, ନିଜର ସୁନ୍ଦରତାକୁ ବାହାରକୁ ଆଣିବାକୁ ହେଲେ କୌଣସି ବର୍ଗର ଆବଶ୍ୟକତା ନ ଥାଏ। କିନ୍ତୁ ଓଡ଼ିଶାରେ ମଡେଲିଂ ପାଇଁ ବିଶେଷ ବ୍ୟବସ୍ଥା ନାହିଁ। ଏହା ସତ୍ତ୍ୱେ ବି ମୁଁ ଓଡ଼ିଶାରେ ହିଁ ରହି ପ୍ରସ୍ତୁତ ହେବା ସହ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଉଦ୍ୟମ କରିବି। ମିସ୍ ଇଣ୍ଡିଆ ନୟନତାରା-୨୦୨୦ ପ୍ରତିଯୋଗିତାରେ ୬ନମ୍ବର ସ୍ଥାନରେ ରହିଥିବା ଆୟେଶା ମିସ୍ ଟ୍ରାନ୍ସ କୁଇନ୍ ଇଣ୍ଡିଆ ମୁକୁଟ ପିନ୍ଧିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



### ସଚେତନ ହୋଇ ନିଜ ଅଧିକାର ହାସଲ କରନ୍ତୁ



ସାମାଜିକ କ୍ଷେତ୍ରରେ ନିଜକୁ ସାମିଲ କରି ନୂଆ ପରିଚୟ ପାଇଛନ୍ତି ସାଧନା ମିଶ୍ର। ସୋସିଆଲ ଡେଭେଲପ୍‌ମେଣ୍ଟ କାର୍ଯ୍ୟକର୍ତ୍ତା ଭାବେ କିସ୍‌ରେ କାର୍ଯ୍ୟ କରୁଥିବା ସାଧନା କୁହନ୍ତି, ସରକାରଙ୍କ ପକ୍ଷରୁ ରାଶନ କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ବିଭିନ୍ନ ସୁବିଧାସୁଯୋଗ ଦିଆଯାଉଥିଲେ ମଧ୍ୟ ସମସ୍ୟା ଦୂର ହୋଇନି। ତେଣୁ ପ୍ରତ୍ୟେକ ସମସ୍ୟାକୁ ଆହ୍ୱାନ ଭାବେ ଗ୍ରହଣ କରି ସମାଜରେ ଛିଡ଼ା ହେବା ଉଚିତ୍। ସଚେତନ ହୋଇ ନିଜ ଅଧିକାର ହାସଲ କରିବା ଆବଶ୍ୟକ।

### କାଗଜ କଲମରେ ସୀମିତ ନ ରହୁ ଯୋଜନା

ଶିକ୍ଷା ହେଉ କି ରୋଜଗାର, ସବୁ କ୍ଷେତ୍ରରେ ମିଳୁଥିବା ସୁବିଧାସୁଯୋଗ କେବଳ କାଗଜ କଲମରେ ସୀମିତ ରହିଯାଉଛି। ଖୁବ୍ କମ୍‌ଜଣ କିନ୍ନର ନିଜ ଚେଷ୍ଟାରେ ଆଗକୁ ଆସି ପାରିଛନ୍ତି। ସ୍ୱାବଲମ୍ବୀ ହେବା ପାଇଁ ଉପଯୁକ୍ତ ତାଲିମର ଅଭାବ ରହିଛି ବୋଲି ହାଉସିଂ ଆଣ୍ଡ୍ ରୁରାଲ ଡେଭେଲପ୍‌ମେଣ୍ଟ ବିଭାଗର ଜାତୀୟ ସହରାଞ୍ଚଳ ଜୀବନ ଜୀବିକା ମିଶନରେ କଟକ ସିଟି ମିଶନ ମ୍ୟାନେଜର ଭାବେ କାମ କରୁଥିବା ସୋନି ସିଲ କହିଛନ୍ତି। ସେ ନିଜ ଚେଷ୍ଟାରେ କେତେଜଣ ଅଳ୍ପଶିକ୍ଷିତ କିନ୍ନରଙ୍କୁ ରୋଜଗାର କ୍ଷମ କରାଇବାରେ ସଫଳ ହୋଇଛନ୍ତି। ସେ କୁହନ୍ତି, ସ୍ୱାବଲମ୍ବୀ ହେଉ ଅବା ଚାକିରି ପାଇଁ କିନ୍ନରଙ୍କୁ ଶିକ୍ଷା ସହ ପ୍ରଶିକ୍ଷଣ ଆବଶ୍ୟକ ରହିଛି।



### ବିକାଶ ନାଁରେ ଆମେ ଅବହେଳିତ



ଯେଉଁ କେତେଜଣ କିନ୍ନର ବିବାହ କରି ସଂସାର ଗଢ଼ିଛନ୍ତି ସେମାନଙ୍କ ମଧ୍ୟରେ ମେଘନା ସାହୁ ଅନ୍ୟତମ। ସ୍ୱାମୀ ଓ ଏକ ପୁଅ ସହ ସେ ବେଶ୍ ଖୁସିରେ ଅଛନ୍ତି। ଚେଷ୍ଟା କରି ନିଜକୁ ଅନେକ କ୍ଷେତ୍ରରେ ସଫଳ ବୋଲି ପ୍ରମାଣ କଲେ ବି ସମାଜରେ ଆଜି କିନ୍ନର ସମ୍ପ୍ରଦାୟ ଅବହେଳିତ, ନିଷ୍ପେଷିତ। ଖୁବ୍ କମ୍ ଲୋକ ସେମାନଙ୍କୁ ଗ୍ରହଣ କରନ୍ତି। ସମାଜରେ ମଣିଷ ଭଳି ବଞ୍ଚିବାର ସ୍ୱୀକୃତି ଆଶାରେ ଆଜି ବି ଅନେକେ ଅପେକ୍ଷାରତ ।

ରିପୋର୍ଟ-ଶର୍ମିଷ୍ଠା ପାଣିଗ୍ରାହୀ

### ସୁନାଚେନ୍ ଲୁଟ୍ ଘଟଣା, ୩ ଜେଲ ଗଲେ

#### ବନ୍ଧକ ଥିବା ଅଳଙ୍କାର ବ୍ୟାଙ୍କରୁ ଜବତ

ବେଗୁନିଆ,୧୯।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବଜାର ପରିସରରୁ ଦୁଇ ଦିନ ତଳେ ଜଣେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ କରିବା ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ ବେଗୁନିଆ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଖୋର୍ଦ୍ଧା ଜେଲକୁ ପଠାଯାଇଛି। ସେମାନେ ହେଲେ କଟକ ଜିଲା ବାଙ୍କୀ ଥାନା ଅଞ୍ଚଳର କାଳିପ୍ରସାଦ ରାଉଳ ଏବଂ ଏହି ଥାନା ଜାମୁସାହି ଗ୍ରାମର ମହେଶ୍ୱର ମହାଖୁଡ ଓ ବଳରାମ ପରିଡ଼ା। ଏହାସହ ସେମାନଙ୍କଠାରୁ ଗୋଟିଏ ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁସାରେ, ସୋମବାର ଅପରାହ୍ନ ପ୍ରାୟ ସାଢେ ଗୋଟାଏ ସମୟରେ ବେଗୁନିଆ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିବା ସୁରେନ୍ଦ୍ର ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ସ୍ୱାଗତିକା ବେହୁରା ଏକ ସ୍କୁଟି ଯୋଗେ ବଜାର କାର୍ଯ୍ୟସାରି ଘରକୁ ଫେରୁଥିଲେ। ଡାକ୍ତରଖାନା ଗଳିରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଉକ୍ତ ୩ଜଣ ଲୁଟେରା ସ୍ୱାଗତିକାଙ୍କ ବେକରୁ ୨.୫ଗ୍ରାମର ସୁନାଚେନକୁ ଝାମ୍ପି ନେଇ ପଳାଇଥିଲେ। ଏ ନେଇ ଦମ୍ପତି ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମାମଲା ନଂ. ୨୦/୨୨ ରୁଜୁ କରି ତଦନ୍ତ ଚଳାଇଥିଲା। ଲୁଟେରାଙ୍କୁ ଧରିବା ପାଇଁ ଖୋର୍ଦ୍ଧା ଏସ୍‌ପି ରାଜ କିଶୋର ଦୋରାଙ୍କ ଅଧକ୍ଷତାରେ ଏସ୍‌ଡିପିଓ ସୁଶୀଲ ମିଶ୍ର, ବେଗୁନିଆ ଥାନାଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ, ଏସ୍‌ଆଇ ରଶ୍ମିରଞ୍ଜନ ଦାସ, ଏଏସ୍‌ଆଇ ରାମଚନ୍ଦ୍ର ମିଶ୍ରଙ୍କୁ ନେଇ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ଲୁଟି ନେଇଥିବା ସୁନାଚେନ୍‌କୁ ଖୋର୍ଦ୍ଧା ସହରରେ ଥିବା ଏକ ଘରୋଇ ବ୍ୟାଙ୍କରେ ବନ୍ଧକ ପକାଇଥିଲେ। ଉକ୍ତ ବ୍ୟାଙ୍କରେ ପୋଲିସ ଚଢ଼ାଉ କରି ବନ୍ଧକ ଅଳଙ୍କାରକୁ ଉଦ୍ଧାର କରିଥିଲା।

### ବିନା ନୋଟିସରେ ବନ୍ଧକ ସୁନା ବିକ୍ରି

ଖୋର୍ଦ୍ଧା ଅଫିସ,୧୯।୧

ଖୋର୍ଦ୍ଧା ନୂଆବସଷ୍ଟାଣ୍ଡସ୍ଥିତ ଏକ ଘରୋଇ ଫାଇନାନ୍ସ ସଂସ୍ଥା ବିରୋଧରେ ବୁଧବାର ବୋଲଗଡ଼ ଗର୍ଭଣୀପଡ଼ା ଅଞ୍ଚଳର ବରିଷ୍ଠ ନାଗରିକ ରାଧେଶ୍ୟାମ ମହାପାତ୍ର ଏଭଳି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୦ ଅକ୍ଟୋବରରେ ରାଧେଶ୍ୟାମ ଖୋର୍ଦ୍ଧା ନୂଆବସଷ୍ଟାଣ୍ଡସ୍ଥିତ ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ ୧୫.୯ ଗ୍ରାମ ସୁନା ଅଳଙ୍କାର ବନ୍ଧକ ରଖି ୫୦ ହଜାର ଟଙ୍କା ଋଣ ନେଇଥିଲେ। ୩ମାସ ଭିତରେ ସମସ୍ତ ଟଙ୍କା ଶୁଝିବା ପାଇଁ ଚୁକ୍ତିପତ୍ର ହୋଇଥିଲା। କୌଣସି କାରଣରୁ ରାଧେଶ୍ୟାମ ସୁଧ ଦେୟ ପୈଠ କରିପାରି ନ ଥିଲେ। ବୁଧବାର ଟଙ୍କା ପରିଶୋଧ କରି ଗହଣା ନେବାକୁ ଉକ୍ତ ସଂସ୍ଥାକୁ ଆସିଥିଲେ। ତେବେ ସଂସ୍ଥା କର୍ତ୍ତୃପକ୍ଷ ଉକ୍ତ ଗହଣା ନିଲାମ ହୋଇଯାଇଥିବା କହିଥିଲେ। ଚୁକ୍ତି ନିୟମ ଅନୁଯାୟୀ ବନ୍ଧକ ସୁନା ନିଲାମ କରାଯାଇଥିବା ସଂସ୍ଥା ସଫେଇ ଦେଇଥିବା ବେଳେ ବିନା ନୋଟିସରେ କିପରି ଉକ୍ତ ଗହଣା ନିଲାମ କରାଗଲା ବୋଲି ରାଧେଶ୍ୟାମ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି ସଂସ୍ଥା ମ୍ୟାନେଜର କହିଛନ୍ତି। ପ୍ରକାଶଥାଉକି, ପୂର୍ବରୁ ଅନ୍ୟ ଏକ ସଂସ୍ଥା ବିରୋଧରେ ଜଣେ ମହିଳା ଅନୁରୂପ ଅଭିଯୋଗ ଆଣିଥିଲେ।

## ବନ୍ଧୁକ ଦେଖାଇ ପେଟ୍ରୋଲ ପମ୍ପରୁ ୯୦ହଜାର ନେଇଗଲେ

ନିରାକାରପୁର,୧୯।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କର ରମାବିଲି-ଛଣଗିରି ମଝିରେ ଥିବା ଏକ ପେଟ୍ରୋଲ ପମ୍ପରେ ମଙ୍ଗଳବାର ରାତିରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ୯୦ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ପମ୍ପର ମାଲିକ ବୁଧବାର ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୨୯/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏପରିକି ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି କ୍ୟାମେରାରେ ଲୁଟ୍ ଦୃଶ୍ୟ ଥିବାବେଳେ ତାହାକୁ ଜବତ କରି ଯାଞ୍ଚ ଚଳାଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତି

**ସିସିଟିଭିରେ ଲୁଟ୍ ଦୃଶ୍ୟ କଏଦ୍**



୯ଟା ପରେ କର୍ଫ୍ୟୁ ଥିବା ବେଳେ ଲୋକଙ୍କ ଚଳାଚଳ କମ୍ ଥିଲା। ଏହାର ସୁଯୋଗ ନେଇ ପ୍ରାୟ ସାଢେ ୯ଟା ବେଳେ ୩ଜଣ ଦୁର୍ବୃତ୍ତ ଏକ ନାଲି ରଙ୍ଗର ପଲ୍‌ସର ବାଇକ୍‌ରେ ପମ୍ପକୁ ଆସିଥିଲେ। ସେଥିରୁ ଦୁଇଜଣ ମୁଖା ପିନ୍ଧି ହାତରେ ବନ୍ଧୁକ ଧରି ଗାଡ଼ିରୁ ଓହ୍ଲାଇ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ସେଠାରେ ଥିବା ପମ୍ପ କର୍ମଚାରୀଙ୍କୁ ଭୟଭୀତ କରାଇଥିଲେ। ପରେ କ୍ୟାଶ କାଉଣ୍ଟରରେ ପଶି ସେଠାରେ ଥିବା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଡ୍ରରେ ଥିବା ପ୍ରାୟ ୯୦ ହଜାର ଟଙ୍କା ଲୁଟିଥିଲେ। ଯିବାବେଳକୁ ଦୁଇଜଣ କର୍ମଚାରୀଙ୍କଠାରୁ ୨ଟି ମୋବାଇଲ ଛଡାଇନେଇ ଚାଲିଯାଇଥିଲେ। କର୍ମଚାରୀମାନେ ପମ୍ପ ମାଲିକଙ୍କୁ ଜଣାଇବା ପରେ ବ୍ରହ୍ମପୁରରେ ରହୁଥିବା ମାଲିକ ଘଟଣାସ୍ଥଳକୁ ଆସି ଦେଖିବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପମ୍ପରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିବା ବେଳେ ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରାଯିବ ବୋଲି ଥାନା ପୋଲିସ ଭବାନୀ ନାୟକ ସୂଚନା ଦେଇଛନ୍ତି।

## ଲିଙ୍ଗ ନିରୂପଣ ମାମଲା: ୨ ଦଲାଲ ଗିରଫ

କଟକ ଅଫିସ,୧୯।୧

ବେଆଇନ ଲିଙ୍ଗ ନିରୂପଣ ମାମଲାରେ ମଙ୍ଗଳାବାଗ ପୋଲିସ ୨ଜଣ ଦଲାଲଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ପୋପରଡା ଗ୍ରାମର ସନ୍ତୋଷ କୁମାର ଲେଙ୍କାଓ ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ବରୀ ଦରଘାର ହୃଷୀକେଶ ସାହୁ। ମଙ୍ଗଳାବାଗ କାଠଗୋଲା ସାହି ଅଞ୍ଚଳର ଡାଇଗ୍ନୋଟିକ୍ ସେଣ୍ଟର ଆଲ୍‌ଫା ହେଲ୍‌ଥ କେୟାରରେ ବେଆଇନ ଭାବେ ଲିଙ୍ଗ ନିରୂପଣ ହେଉଥିବା ନେଇ ଗତ ୧୭ ତାରିଖରେ କେନ୍ଦ୍ରାପଡା ଜିଲା ରାଜନଗର ଥାନା କଣ୍ଡିରାର ଅଜୟ ଦାସ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା

**ଜିଲାପାଳଙ୍କୁ ଦାବି ଜଣାଇଲେ ଜବ୍‌କାର୍ଡଧାରୀ**

ବେଗୁନିଆ,୧୯।୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଛତ୍ରପଡା ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଶତାଧିକ ଜବ୍‌କାର୍ଡଧାରୀଙ୍କର ଦସ୍ତଖତ ଥାଇ ଏକ ଦାବିପତ୍ର ଦାଖଲ ହୋଇଛି। ପ୍ରକାଶଥାଉକି, ଉକ୍ତ ଗ୍ରାମରେ ପ୍ରାୟ ୧୦୦ରୁ ଅଧିକ ଜବ୍‌କାର୍ଡଧାରୀ ପରିବାର ସରକାରଙ୍କ ଏହି ଯୋଜନାରେ କାର୍ଯ୍ୟ କରିଥାନ୍ତି। ଏହି ଯୋଜନା ଅନ୍ତର୍ଭୁକ୍ତ ଛତ୍ରପଡା ଉଚ୍ଚ ବିଦ୍ୟାଳୟର ଖେଳପଡିଆ ଉନ୍ନତି ନିମନ୍ତେ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଗ୍ରାମରେ ଥିବା ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକଙ୍କ ଦ୍ୱାରା ସୁଚାରୁ ରୂପେ ଏହି ପ୍ରକଳ୍ପକୁ ପରିଚାଳନା କରିବା ପାଇଁ ପଞ୍ଚାୟତ ଗ୍ରାମସଭାରେ ଅନୁମୋଦିତ ହୋଇଥିଲା। ଏହି ଅନୁମୋଦିତ ମୁଚାଲିକାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟଙ୍କ ନିକଟରେ ଗତ ଅକ୍ଟୋବର ୫ରେ ଦାଖଲ କରାଯାଇଥିଲା। ମାତ୍ର ଏହାକୁ ଅଣଦେଖା କରି ଗତ ୧୮ତାରିଖରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ଜେସିବି ଦ୍ୱାରା କରାଯାଉଛି। ଗ୍ରାମ ସାଥୀ ଓ କେତେଜଣ ଜବ୍‌କାର୍ଡଧାରୀ ଏହାକୁ ବାରଣ କରିଥିଲେ ମଧ୍ୟ ଶୁଣି ନ ଥିଲେ। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗରିବଙ୍କ ରୋଜଗାରକୁ ବାଟମାରଣା କରୁଛନ୍ତି। ଶତାଧିକ ଜବ୍‌କାର୍ଡଧାରୀ କାର୍ଯ୍ୟ ହରାଇ ପେଟଚିନ୍ତାରେ ପଡିଛୁ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ଜିଲାପାଳଙ୍କୁ ଜଣାଇଛୁ ବୋଲି ଭୀମସେନ ସାମନ୍ତରାୟ, ବାସୁଦେବ ପ୍ରତାପସିଂହ ପ୍ରମୁଖ କହିଛନ୍ତି।

## ମାଙ୍କଡ଼ା ପଥର ଚାଲାଣ, ୫ ଗିରଫ

**୪ ଗାଡ଼ି ଜବତ**

ଖୋର୍ଦ୍ଧା ଅଫିସ,୧୯।୧

ଖୋର୍ଦ୍ଧାରୁ ବେଆଇନ ଭାବେ ପଥର ଚାଲାଣ ରୋକିବା ପାଇଁ ଏନ୍‌ଜିଟି ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଫଳରେ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ବେଆଇନ ଭାବେ ଲଘୁ ଖଣିଜ ସମ୍ପଦ ଏବଂ ମାଙ୍କଡ଼ା ପଥର ଚାଲାଣ ନେଇ ଟାଉନ ଥାନା ପକ୍ଷରୁ ୪ ଗାଡ଼ି ଜବତ କରିବା ସହ ୫ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦୁର୍ଗାପୁରର ରବୀନ୍ଦ୍ରନାଥ ପ୍ରଧାନ, ଟାଉନ ଥାନା ଅଧୀନ ସାମନ୍ତରାପୁରର ରାମଚନ୍ଦ୍ର ସ୍ୱାଇଁ, ହଳଦିପଦାର ଜିତୁ ନାୟକ, ପୁରୀ ଜିଲା ପିପିଲି ଥାନା ଅଞ୍ଚଳର ବିକାଶ ବେହେରା ଏବଂ ଇକାନ ପ୍ରଧାନ। ଏନେଇ ୩ଟି ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରବୀନ୍ଦ୍ର ଓ ରାମଚନ୍ଦ୍ର ବେଆଇନ ଭାବେ ମାଙ୍କଡ଼ା ପଥର ବୋଝେଇ ଗାଡ଼ି (ନଂ. ଓଡ଼ି୦୨ ବିଏଲ ୬୮୨୮)ରେ ତରଡୁଆ ଆଡ଼କୁ ଯାଉଥିବା ଖବର ପାଇ ଏକ ଟିମ୍ ତରଡୁଆ ଛକରେ ଅଟକାଇ ଉଭୟଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୩୫/୨୨) ରୁଜୁ ହୋଇଛି। ସେହିଭଳି ଜିତୁ ନାୟକଙ୍କ ଟ୍ରାକ୍ଟରରେ ମାଙ୍କଡ଼ା ପଥର ବୋଝେଇ ହୋଇ ଯାଉଥିବାବେଳେ ଲୋକେଶ୍ୱର ମନ୍ଦିର ନିକଟରେ ଧରାପଡ଼ିଥିଲା। ଏ ନେଇ ଏକ ମାମଲା (ନଂ. ୩୭/୨୨) ରୁଜୁ ହୋଇଛି। ବିକାଶ ଓ ଇକାନ ଦୁଇଟି ଟ୍ରକ (ନଂ ଓଆର୍ ୦୯ ଏଫ୍ ୩୪୮୭ ଏବଂ ଓଆର୍ ୦୯୬ ଏଫ୍ ୮୬୯୪)ରେ ମାଙ୍କଡ଼ା ପଥର ବୋଝେଇ କରି ୧୬ ନଂ. ଜାତୀୟ ରାଜପଥ ଦେଇ ବରୁଣେଇ ଆଡ଼କୁ ଯାଉଥିବା ବେଳେ ବାଇପାସ୍ ନିକଟରେ ପୋଲିସ ଧରିଥିଲା। ଏ ସଂକ୍ରାନ୍ତରେ ମାମଲା (ନଂ ୩୯/୨୨) ରୁଜୁ ହୋଇଛି। ପଚରାଉଚୁରା ବେଳେ ଅଭିଯୁକ୍ତମାନେ କାଗଜପତ୍ର ନ ଦେଖାଇବାରୁ ଗିରଫ ଗିରଫ କରାଯାଇଛି ବୋଲି ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି।

## ୩ୟ ଦିନରେ ପ୍ରାର୍ଥିପତ୍ର ଦାଖଲ କଲେ ୨୨୧୪

ଖୋର୍ଦ୍ଧା ଅଫିସ,୧୯।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ବୁଧବାର ତୃତୀୟ ଦିନରେ ବିଭିନ୍ନ ବର୍ଗର ୨୨୧୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୬୩୦ ୱାର୍ଡମେମ୍ବର, ୩୩୧ ସରପଞ୍ଚ ଓ ୨୨୪ ଜଣ ସମିତି ସଭ୍ୟ ରହିଛନ୍ତି। ସେହିପରି ୨୯ଜଣ ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୨୧ ଏବଂ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୮ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ବୋଲଗଡ଼ ବ୍ଲକରେ ୨୦୮ ୱାର୍ଡମେମ୍ବର, ୩୭ସରପଞ୍ଚ ଓ ୨୭ ସମିତିସଭ୍ୟ, ଜଟଣୀ ବ୍ଲକରେ ୧୨୪ ୱାର୍ଡମେମ୍ବର, ୨୯ ସରପଞ୍ଚ ଓ ୨୭ ସମିତିସଭ୍ୟ ଏବଂ ବାଣପୁର ବ୍ଲକରେ ୧୧୯ ୱାର୍ଡମେମ୍ବର, ୨୧ ସରପଞ୍ଚ ଓ ୧୩ ସମିତି ସଭ୍ୟ,



କଂଗ୍ରେସ ନେତାମାନେ ପ୍ରାର୍ଥୀଙ୍କୁ ନେଇ ନାମାଙ୍କନପତ୍ର ଦାଖଲ ପାଇଁ ଯାଉଛନ୍ତି।

ବେଗୁନିଆ ବ୍ଲକରେ ୨୩୭ ୱାର୍ଡମେମ୍ବର, ୩୪ ସରପଞ୍ଚ, ୩୫ ସମିତି ସଭ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଭୁବନେଶ୍ୱର ବ୍ଲକରେ ୧୦୩ ୱାର୍ଡମେମ୍ବର, ୫୧ ସରପଞ୍ଚ, ୨୧ସମିତି ସଭ୍ୟ, ଚିଲିକା ବ୍ଲକରେ ୧୦୭ ୱାର୍ଡମେମ୍ବର, ୨୪ ସରପଞ୍ଚ, ୧୦ ସମିତି ସଭ୍ୟ, ବାଲିଅନ୍ତା ବ୍ଲକରେ ୧୪୪ ୱାର୍ଡମେମ୍ବର, ୨୫ ସରପଞ୍ଚ ଓ ୧୮ ସମିତି ସଭ୍ୟ, ଖୋର୍ଦ୍ଧା ବ୍ଲକରେ ୨୧୧ ୱାର୍ଡମେମ୍ବର, ୪୧ ସରପଞ୍ଚ, ୨୫ ସମିତି ସଭ୍ୟ, ବାଲିପାଟଣା ବ୍ଲକରେ ୧୪୮ ୱାର୍ଡମେମ୍ବର, ୩୩ ସରପଞ୍ଚ, ୧୮ ସମିତି ସଭ୍ୟ ଏବଂ ଟାଙ୍ଗୀ ବ୍ଲକରେ ୨୨୯ ୱାର୍ଡମେମ୍ବର, ୩୬ ସରପଞ୍ଚ, ୩୦ ସମିତି ସଭ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଖୋର୍ଦ୍ଧା ବ୍ଲକ ଜୋନ-୨ରୁ ତନିମା ସେଠୀ, ୯ରୁ ଆଶିଷ ବରିସଲ, ୧୦ରୁ ହେମନ୍ତ କୁମାର ବେହେରା, ୧୨ରୁ ଆଲୋକ ରଞ୍ଜନ ଛୋଟରାୟ, ୧୪ରୁ ରୋଜିତା ପ୍ରଧାନ, ୧୫ରୁ ବାମନ ଚରଣ ଦାସ, ୨୨ରୁ ସରୋଜ ମହାପାତ୍ର, ୨୩ରୁ ଜିତେନ୍ଦ୍ର ସାହୁ, ୨୪ରୁ ଶ୍ୱେତାସିନୀ ରଣବିଜୁଳି ଏବଂ ୨୭ରୁ ପ୍ରତିଭାରାଣୀ ସାହୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୯ ଜଣ କଂଗ୍ରେସ ସମର୍ଥିତ ଜିଲାପରିଷଦ ପ୍ରାର୍ଥୀ ଉପଜିଲାପାଳ ଆଇ. ଗୌରବ ଶିବାଜୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଖୋର୍ଦ୍ଧା ଜୋନ-୨ରୁ ଧରିତ୍ରୀ ପାଇକରାୟ, ୩ରୁ ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ, ୯ରୁ ଚନ୍ଦ୍ରକାନ୍ତ ମହାରଥୀ, ୧୦ରୁ ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ, ୧୧ରୁ ରେଣୁବାଳା ବେହେରା, ୧୨ରୁ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ବେଗୁନିଆ ନିର୍ବାଚନମଣ୍ଡଳୀ ଅଧୀନ ଜୋନ-୨୨ରୁ ମଦନ ମୋହନ ସାହୁ, ୨୩ରୁ ଅମ୍‌ଜାଦ ଖାନ୍, ୨୪ରୁ ରୀତା ପାଇକରାୟ ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଭୁବନେଶ୍ୱର ଉପଜିଲାପାଳଙ୍କ ନିକଟରେ ଭୁବନେଶ୍ୱର ବ୍ଲକ ଅଧୀନ ୨, ବାଲିଅନ୍ତା ବ୍ଲକର ୩ ଏବଂ ବାଲିପାଟଣା ବ୍ଲକ ଅନ୍ତର୍ଗତ ୩ଟି ଜୋନରୁ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ।




୧୯।୧।୨୦୨୨

| | |
|---|---|
| ୮,୧୪୭ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଅଖା ଟଙ୍କା ନ ପାଇବାରୁ ରିଟେଲରଙ୍କ ଅସନ୍ତୋଷ

କଣାସ,୧୯।୧(ସ୍ୱ.ପ୍ର): କଣାସ ବ୍ଲକରେ ଚାଉଳ ଅଖା ଟଙ୍କା ପାଇବା ନେଇ ରିଟେଲରଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଖବର ଅନୁଯାୟୀ, ରିଟେଲରମାନେ ୧ଟଙ୍କିଆ ଚାଉଳ ବଣ୍ଟନ କରିସାରି ଅଖାଗୁଡିକ ଯୋଗାଣ ଅଧିକାରୀଙ୍କୁ ଫେରାଇଲେ ଅଖା ପିଛା ୨୨ଟଙ୍କା ଫେରସ୍ତ ପାଇବାର ନିୟମ ରହିଛି। ଏହି ପରିପ୍ରେକ୍ଷୀରେ କଣାସ ବ୍ଲକର ସମସ୍ତ ରିଟେଲର ଚାଉଳ ବଣ୍ଟନ କରିବା ପରେ ୩୨୦୦ ଅଖା କଣାସ ଯୋଗାଣ ଅଧିକାରୀଙ୍କୁ ଦୀର୍ଘଦିନ ହେଲା ଫେରସ୍ତ କରିସାରିଲେଣି। ହେଲେ ଯୋଗାଣ ଅଧିକାରୀ ରିଟେଲରମାନଙ୍କୁ ସେମାନଙ୍କ ପ୍ରାପ୍ୟ ନ ଫେରାଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏ ନେଇ ରିଟେଲରମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଣାସ ବ୍ଲକର ଯୋଗାଣ ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କୁ ବାରମ୍ବାର ଟେଲିଫୋନ କରିଥିଲେ ମଧ ଯୋଗାଯୋଗ ହୋଇପାରି ନଥିଲା।

### ହୋର୍ଡିଂ, ପୋଷ୍ଟର ହଟାଯିବାକୁ ଦାବି

ପୁରୀ ଅଫିସ, ୧୯।୧: ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ହୋଇଥିବା ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍ (ଆଟା) ପକ୍ଷରୁ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପୁରୀ ଜିଲାର ବିଭିନ୍ନ ସ୍ଥାନରେ ପ୍ରାର୍ଥୀ, ରାଜନୈତିକ ଦଳ ଏବଂ ସରକାରଙ୍କ ପକ୍ଷରୁ ଲାଗିଥିବା ପ୍ରଚାର ସଂକ୍ରାନ୍ତ ହୋର୍ଡିଂ ଓ ପୋଷ୍ଟର ହଟାଇବାକୁ ଆସୋସିଏଶନ୍‌ର ସଦସ୍ୟମାନେ ଦାବି କରିଛନ୍ତି। ଏ ନେଇ ସେମାନେ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନର ସଭାପତି ସୁଧାଂଶୁ ଜେନା, ସମ୍ପାଦକ ଆଇନଜୀବୀ ଦେବାଶିଷ ଦାଶ, ଉପସଭାପତି ବିସ୍ମୟ ମିଶ୍ର, ସହସମ୍ପାଦକ ଆଦିତ୍ୟ ନାରାୟଣ ବାରିକ, ମିଡିଆ ସେଲ ସଂଯୋଜକ ସତ୍ୟନାରାୟଣ ସାହୁ, ମାନସ ରଥ, କୃଷ୍ଣମୋହନ ପ୍ରଧାନ, ନିରାକାର ମହାରଣା, କାହ୍ନୁ ଚରଣ ବଡ଼ପଣ୍ଡା, ମାନସ ନାୟକ ଏବଂ ଶୁଭଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଥମ ଦିନରେ ୯୩ କେଜି ଧାନ କ୍ରୟ

ସାକ୍ଷୀଗୋପାଳ,୧୯।୧ (ସ୍ୱ.ପ୍ର./ ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ମିଶନ ଶକ୍ତି ସହଯୋଗରେ ସତ୍ୟଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସତ୍ୟବାଦୀ ବ୍ଲକସ୍ତରୀୟ ଧାନମଣ୍ଡି ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସରରେ ବୁଧବାର ଉଦ୍‌ଘାଟନ ହୋଇଯାଇଛି। ଜୟପୁର ସମବାୟ ସମିତିରୁ ଚାଷୀମାନଙ୍କ ଧାନ କିଣିବା ଲକ୍ଷ୍ୟ ନେଇ ଏହା କରାଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ସମବାୟ ବିଭାଗ ଉପନିବନ୍ଧକ ଭୀମସେନ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ଏସଆରସିଏସ୍ ଜିତେନ୍ଦ୍ର ଦାସ, ସିଡିପିଓ ରାଜଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମିଶନ ଶକ୍ତି ହିସାବ ରକ୍ଷକ ସୁପ୍ରିୟା ସୁବୁଦ୍ଧି, ଆୟୋଜକ ହରପ୍ରିୟା ବେହେରା, ସଭାପତି ମନୋରମା ବେହେରା, ସମ୍ପାଦିକା ସୁପ୍ରିୟା ନାୟକ, ଫେଡେରେଶନ ସଭାପତି ଚିନ୍ମୟୀ ରାଉତ ଓ ଭଗବାନ ବେହେରା, ବଜାର କମିଟି ହିସାବ ରକ୍ଷକ ଜଗତଜ୍ୟୋତି ସାହୁ ଓ ସୁରେନ୍ଦ୍ର ଚରଣ ଦତ୍ତ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ଦିନରେ ୫ଜଣ ଚାଷୀଙ୍କଠାରୁ ୯୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଆରଏମ୍‌ସି ସମ୍ପାଦକ କମଳ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ପୂର୍ବରୁ ଦାଶ ବିଦ୍ୟାଧରପୁର, ମଧୁବନ ଓ ବଳରାମପୁରଗଡ଼ ସମବାୟ ସମିତିରେ ଚାଷୀମାନଙ୍କ ସହଯୋଗରେ ଧାନ କିଣା ଆରମ୍ଭ କରାଯାଇଥିଲା।

# ଲୁକ୍କାୟିତ ସ୍ତରରୁ ବିକାଶ ପଥରେ

**ସମବେଦନା ନୁହେଁ, ସମାନତାର ଲଢ଼େଇ। ସମାଜରେ ଭିନ୍ନ ଏକ ଶବ୍ଦରୁ ବାହାରକୁ ଆସିବାର ଚେଷ୍ଟା। ନିଜ ପାଇଁ ଅଧିକାର ସୃଷ୍ଟି କରିବାର ପ୍ରୟାସ। ସହିବାକୁ ପଡ଼ିଛି, ଆଜିବି ସହୁଛନ୍ତି କେତେ କଷ୍ଟ ଓ ଯନ୍ତ୍ରଣା। ସଂଘର୍ଷ ଭିତରେ ନିଜ ପାଇଁ ତିଆରି କରିସାରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ସକ୍ଷମ ରୂପକ ସଫଳତାର ଶିଢ଼ିରେ ଚଢ଼ି ପାଲଟିଯାଇଛନ୍ତି ଅନନ୍ୟା। ଉଦାହରଣ ସାଜିଛନ୍ତି, ପ୍ରେରଣା ଯୋଗାଉଛନ୍ତି ଅନେକଙ୍କୁ। ଆଉ ସାହସର ସହ କହୁଛନ୍ତି, ହଁ ମୁଁ କିନ୍ନର। ୨୦୧୪ ଏପ୍ରିଲ ୧୫ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ତୃତୀୟ ଲିଙ୍ଗ ବା କିନ୍ନରଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିଛି। ୨୦୧୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ୨୦,୩୩୨ ହୋଇଥିବାବେଳେ ବର୍ତ୍ତମାନ ଏହା ୭୦ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ଅନୁମାନ କରାଯାଉଛି। ସବୁ ବର୍ଗଙ୍କ ପରି ସେମାନଙ୍କ ପାଇଁ ମଧ ସରକାର ବହୁ କଲ୍ୟାଣକାରୀ ଯୋଜନା ଓ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ବିଶେଷକରି ଓଡ଼ିଶାରେ କିନ୍ନର ସମ୍ପ୍ରଦାୟ ଏକ ଲୁକ୍କାୟିତ ସ୍ତରରୁ ବିକାଶ ଆଡକୁ ଅଗ୍ରସର ହେଉଥିବା ଦେଖିବାକୁ ମିଳୁଛି। ରାଜନୀତି, ସାମାଜିକ ସେବା, ସୁନ୍ଦରୀ ପ୍ରତିଯୋଗିତା ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କେତେଜଣ କିନ୍ନରଙ୍କ ମତାମତକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**



### କିନ୍ନରଙ୍କୁ ସୁଯୋଗ ଦେଲେ ନୂଆ ପରିବର୍ତ୍ତନ ଆସିବ



କିନ୍ନରମାନେ ସମାଜ ଓ ଜୀବନର ପ୍ରତ୍ୟେକ ସୋପାନରୁ କଷଟି ହୋଇ ଆସିଛନ୍ତି। ସେମାନେ ସକ୍ରିୟ ରାଜନୀତିକୁ ଆସିଲେ ସମାଜରେ ନୂଆ ପରିବର୍ତ୍ତନ ଆଣିପାରିବେ। ସୁଯୋଗ ମିଳିଲେ ଆମେମାନେ ଜଣେ ଜଣେ ସଫଳ ରାଜନୀତିଜ୍ଞ ହୋଇପାରିବୁ ବୋଲି ରାଜ୍ୟ ସରକାରଙ୍କ 'ମୋ ପରିବାର' ଦାୟିତ୍ୱରେ ଥିବା ବିଜେଡି ରାଜ୍ୟ ସମ୍ପାଦିକା ତଥା କୋରାପୁଟ ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡ଼ା କହିଛନ୍ତି। ସେ କହିଛନ୍ତି, ମହାଭାରତ ସମୟରୁ ଏଯାଏ ନୀତି ଓ ରାଜନୀତି କ୍ଷେତ୍ରରେ କିନ୍ନରମାନେ ପ୍ରମୁଖ ଭୂମିକା ତୁଲାଇଆସିଛନ୍ତି। ବର୍ତ୍ତମାନ ଏ କ୍ଷେତ୍ରରେ ଆହୁରି ସୁଯୋଗ ଦିଆଯିବା ଆବଶ୍ୟକ।

### ରୋଗୀଙ୍କ ସେବା କରି ଗର୍ବ ଅନୁଭବ କରୁଛି



କୋଭିଡ୍ ଆରମ୍ଭରେ ରୋଗୀଙ୍କ ସେବାରେ, ଆଉ ଏବେ ଟିକାକରଣରେ ନିଜକୁ ସାମିଲ କରିଛନ୍ତି ପ୍ରିନ୍‌ସେସ୍ କିନ୍ନର। ସେ କୁହନ୍ତି, ରୋଗୀଙ୍କ ସେବା କରି ନିଜକୁ ଗର୍ବ ଅନୁଭବ କରୁଛି। କରୋନା ସମୟରେ ନିଜ କ୍ଷେତ୍ରରେ ଅନେକ ସମସ୍ୟା ଉପୁଜିଥିଲେ ମଧ ରୋଗୀଙ୍କ ପାଇଁ ସେବା କରିବାକୁ ଆଗେଇ ଆସିଥିଲି। ମହାମାରୀ ଏହି ସୁଯୋଗ ଦେଇଥିଲା। ରାଉରକେଲାର ବିପିୟୁଟି କୋଭିଡ୍ କେୟାର ସେଣ୍ଟରରେ ପ୍ରଥମ କିନ୍ନର କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲି। ସରକାରଙ୍କ ପକ୍ଷରୁ ମୋତେ ସେମିତି କିଛି ସୁଯୋଗ ଦିଆଯାଇ ନ ଥିବା ସେ କହିଛନ୍ତି।

### ମିସ୍ ଟ୍ରାନ୍ସ କୁଇନ୍ ହେବାକୁ ସ୍ୱପ୍ନ



ଜଣେ ମଡେଲ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଆୟେଶା ବେହେରା। ସେ କୁହନ୍ତି, ନିଜର ସୁନ୍ଦରତାକୁ ବାହାରକୁ ଆଣିବାକୁ ହେଲେ କୌଣସି ବର୍ଗର ଆବଶ୍ୟକତା ନ ଥାଏ। କିନ୍ତୁ ଓଡ଼ିଶାରେ ମଡେଲିଂ ପାଇଁ ବିଶେଷ ବ୍ୟବସ୍ଥା ନାହିଁ। ଏହା ସତ୍ତ୍ୱେ ବି ମୁଁ ଓଡ଼ିଶାରେ ହିଁ ରହି ପ୍ରସ୍ତୁତ ହେବା ସହ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଉଦ୍ୟମ କରିବି। ମିସ୍ ଇଣ୍ଡିଆ ନୟନତାରା-୨୦୨୦ ପ୍ରତିଯୋଗିତାରେ ୬ନମ୍ବର ସ୍ଥାନରେ ରହିଥିବା ଆୟେଶା ମିସ୍ ଟ୍ରାନ୍ସ କୁଇନ୍ ଇଣ୍ଡିଆ ମୁକୁଟ ପିନ୍ଧିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

### ସଚେତନ ହୋଇ ନିଜ ଅଧିକାର ହାସଲ କରନ୍ତୁ



ସାମାଜିକ କ୍ଷେତ୍ରରେ ନିଜକୁ ସାମିଲ କରି ନୂଆ ପରିଚୟ ପାଇଛନ୍ତି ସାଧନା ମିଶ୍ର। ସୋସିଆଲ ଡେଭେଲପ୍‌ମେଣ୍ଟ କାର୍ଯ୍ୟକର୍ତ୍ତା ଭାବେ କିସ୍‌ରେ କାର୍ଯ୍ୟ କରୁଥିବା ସାଧନା କୁହନ୍ତି, ସରକାରଙ୍କ ପକ୍ଷରୁ ରାଶନ କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ବିଭିନ୍ନ ସୁବିଧାସୁଯୋଗ ଦିଆଯାଉଥିଲେ ମଧ ସମସ୍ୟା ଦୂର ହୋଇନି। ତେଣୁ ପ୍ରତ୍ୟେକ ସମସ୍ୟାକୁ ଆହ୍ୱାନ ଭାବେ ଗ୍ରହଣ କରି ସମାଜରେ ଛିଡ଼ା ହେବା ଉଚିତ୍। ସଚେତନ ହୋଇ ନିଜ ଅଧିକାର ହାସଲ କରିବା ଆବଶ୍ୟକ।

### କାଗଜ କଲମରେ ସୀମିତ ନ ରହୁ ଯୋଜନା



ଶିକ୍ଷା ହେଉ କି ରୋଜଗାର, ସବୁ କ୍ଷେତ୍ରରେ ମିଳୁଥିବା ସୁବିଧାସୁଯୋଗ କେବଳ କାଗଜ କଲମରେ ସୀମିତ ରହିଯାଉଛି। ଖୁବ୍ କମ୍‌ଜଣ କିନ୍ନର ନିଜ ଚେଷ୍ଟାରେ ଆଗକୁ ଆସି ପାରିଛନ୍ତି। ସ୍ୱାବଲମ୍ବୀ ହେବା ପାଇଁ ଉପଯୁକ୍ତ ତାଲିମର ଅଭାବ ରହିଛି ବୋଲି ହାଉସିଂ ଆଣ୍ଡ୍ ରୁରାଲ ଡେଭେଲପ୍‌ମେଣ୍ଟ ବିଭାଗର ଜାତୀୟ ସହରାଞ୍ଚଳ ଜୀବନ ଜୀବିକା ମିଶନରେ କଟକ ସିଟି ମିଶନ ମ୍ୟାନେଜର ଭାବେ କାମ କରୁଥିବା ସୋନି ସିଲ କହିଛନ୍ତି। ସେ ନିଜ ଚେଷ୍ଟାରେ କେତେଜଣ ଅଳ୍ପଶିକ୍ଷିତ କିନ୍ନରଙ୍କୁ ରୋଜଗାର କ୍ଷମ କରାଇବାରେ ସଫଳ ହୋଇଛନ୍ତି। ସେ କୁହନ୍ତି, ସ୍ୱାବଲମ୍ବୀ ହେଉ ଅବା ଚାକିରି ପାଇଁ କିନ୍ନରଙ୍କୁ ଶିକ୍ଷା ସହ ଉପଯୁକ୍ତ ପ୍ରଶିକ୍ଷଣ ଆବଶ୍ୟକ ରହିଛି।

### ବିକାଶ ନାଁରେ ଆମେ ଅବହେଳିତ



ଯେଉଁ କେତେଜଣ କିନ୍ନର ବିବାହ କରି ସଂସାର ଗଢ଼ିଛନ୍ତି ସେମାନଙ୍କ ମଧରେ ମେଘନା ସାହୁ ଅନ୍ୟତମ। ସ୍ୱାମୀ ଓ ଏକ ପୁଅ ସହ ସେ ବେଶ୍ ଖୁସିରେ ଅଛନ୍ତି। ଚେଷ୍ଟା କରି ନିଜକୁ ଅନେକ କ୍ଷେତ୍ରରେ ସଫଳ ବୋଲି ପ୍ରମାଣ କଲେ ବି ସମାଜରେ ଆଜି କିନ୍ନର ସମ୍ପ୍ରଦାୟ ଅବହେଳିତ, ନିଷ୍ପେଷିତ। ଖୁବ୍ କମ୍ ଲୋକ ସେମାନଙ୍କୁ ଗ୍ରହଣ କରନ୍ତି। ସମାଜରେ ମଣିଷ ଭଳି ବଞ୍ଚିବାର ସ୍ୱୀକୃତି ଆଶାରେ ଆଜି ବି ଅନେକେ ଅପେକ୍ଷାରତ।

ରିପୋର୍ଟ-ଶର୍ମିଷ୍ଠା ପାଣିଗ୍ରାହୀ



ବିଭିନ୍ନ ସ୍ଥାନରୁ ହୋର୍ଡିଂ ହଟାଇବା ପାଇଁ ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ବିଦ୍ୟାଳୟ ଖେଳପଡ଼ିଆ ନାମରେ ଟଙ୍କା ଟଳୁ

ଗୋପ, ୧୯।୧(ଡି.ଏନ୍.ଏ.)

ଗୋପ ବ୍ଲକ୍‌ର ନୂଆଖୋଲମରା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି (ଏମଜିଏନ୍‌ଆର୍‌ଇଜିଏସ୍) ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତର ଓରତଣ୍ଡା ସାମିଲି ପ୍ରଧାନ ସାହି ଗ୍ରାମର ବିଦ୍ୟାଳୟ ଆଗପାର୍ଶ୍ୱ ଓ ଖେଳପଡ଼ିଆ ଉନ୍ନତିକରଣ ନାମରେ ଲକ୍ଷାଧିକ ଟଙ୍କା ଟଳୁ ହୋଇଥିବା ନେଇ ଜିଲାପାଳ, ଗୋପ ବିଡିଓ, ପଞ୍ଚାୟତିରାଜ ବିଭାଗ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ବିଦ୍ୟାଳୟ ଆଗପାର୍ଶ୍ୱ ଉନ୍ନତୀକରଣ ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୨୦୨୧ ଏପ୍ରିଲ ୧୨ରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ବିଦ୍ୟାଳୟ ଖେଳପଡ଼ିଆ ଉନ୍ନତିକରଣ ଲାଗି ୨୦୨୧ ମେ ୨୭ରେ ପୁନରାୟ ୬ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ୨ଟି ପ୍ରକଳ୍ପରେ କେବଳ ମାଟି ପକାଯାଇ ଲକ୍ଷାଧିକ ଟଙ୍କା ମିଥ୍ୟା ବିଲ୍ କରି ଟଙ୍କା ହଡପ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟ ପଛପାର୍ଶ୍ୱ ଉନ୍ନତୀକରଣରେ ୧ ଲକ୍ଷ ୯୭ ହଜାର ଟଙ୍କାର ସାମଗ୍ରୀ ପାଇଁ ବିଲ୍ ହୋଇଥିବାବେଳେ ୫୯୫ଜଣ ଶ୍ରମିକଙ୍କ ଲାଗି ୩୪୫୪ ଶ୍ରମ ହିସାବ ହୋଇଛି। କିନ୍ତୁ ଏହି କାର୍ଯ୍ୟରେ ଶ୍ରମିକ ନିୟୋଜିତ ହୋଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଉନ୍ନତିକରଣ ଲାଗି ଆସିଥିବା ୬ ଲକ୍ଷ ଟଙ୍କାରୁ ୧ ଲକ୍ଷ ୫୨ ହଜାର ୨୩୩ ଟଙ୍କା ସାମଗ୍ରୀ ବାବଦରେ ବିଲ୍ କରାଯାଇ ୪୬୦ଜଣଙ୍କ ଲାଗି ୧୭୧୬ ଶ୍ରମ ହିସାବ କରାଯାଇଛି। ଏ ନେଇ କେତେଜଣ ସାମାଜିକ କର୍ମୀ ଟୁଇଟ୍ ମାଧ୍ୟମରେ ପ୍ରଶାସନକୁ ଅଭିଯୋଗ କରିଛନ୍ତି। ନାରାୟଣ ପ୍ରଧାନ, କୈଳାସ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, ବିଜୟ ଗୁରୁ, କଂଗ୍ରେସ ପ୍ରଧାନ ଜିଲାପାଳଙ୍କୁ ଜଣାଇଛନ୍ତି। ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କୋଭିଡ୍ ସ୍ଥିତି ସମୀକ୍ଷା କଲେ ଜିଲାପାଳ

ପୁରୀ ଅଫିସ, ୧୯।୧

- ୨ ଚିକିତ୍ସାଳୟରେ ଉପଲବ୍ଧ ବ୍ୟବସ୍ଥାର ଯାଞ୍ଚ
- ଗତ ୨୪ ଘଣ୍ଟାରେ ୧୫୭ ସଂକ୍ରମିତ ଚିହ୍ନଟ



ପୁରୀ ଜିଲାର କୋଭିଡ୍ ସ୍ଥିତି ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ସମୀକ୍ଷା କରିଛନ୍ତି। ଜିଲାପାଳ ବର୍ମା ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସଂକ୍ରାମକ ରୋଗ ଚିକିତ୍ସାଳୟକୁ ଯାଇ ଆନୁଷଙ୍ଗିକ ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସେ ମୁଖ୍ୟ ଚିକିତ୍ସାଳୟର ଜ୍ୱର ଚିକିତ୍ସା କେନ୍ଦ୍ର, ବହିଃବିଭାଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଲ୍ପ ଡେସ୍କ, କୋଭିଡ୍ କଲ୍ ସେଣ୍ଟର ବୁଲି ଦେଖିଥିଲେ। ଏଠାରେ ଉପଲବ୍ଧ ବ୍ୟବସ୍ଥା ଓ ଫିଡ୍ ବ୍ୟାକ୍ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଗୃହରେ ସଙ୍ଗରୋଧ ଭାବେ ରହୁଥିବା କରୋନା ସଂକ୍ରମିତମାନଙ୍କୁ ଯୋଗାଯୋଗ କରି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବାକୁ କଲ୍‌ସେଣ୍ଟର କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସେ ସଂକ୍ରାମକ ରୋଗ ଚିକିତ୍ସାଳୟ ଯାଇ ଡାକ୍ତର ଓ ସହାୟକ କର୍ମୀଙ୍କ ସହ ଆଲୋଚନା କରିଥିଲେ। କରୋନା ଶଯ୍ୟା, ଅକ୍ସିଜେନ୍ ସିଲିଣ୍ଡର ଓ ଆଇସିୟୁ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ପୁରୀ ସଂକ୍ରାମକ ରୋଗ ଚିକିତ୍ସାଳୟରେ ୧୫ଟି ଆଇସିୟୁ ଶଯ୍ୟା ବ୍ୟବସ୍ଥା ଥିବା ବେଳେ ଏବେ ସମସ୍ତ ଶଯ୍ୟା ଖାଲି ପଡ଼ିଛି। ଆଇଡିଏଚ୍‌ରେ ୨୪ଜଣ କରୋନା ସଂକ୍ରମିତ ଥିବାବେଳେ ୨ଜଣ ଅକ୍ସିଜେନ୍ ସପୋର୍ଟରେ ରହିଛନ୍ତି। ସେହିପରି ଜିଲାରେ ୧୫ଶହରୁ ଊର୍ଦ୍ଧ୍ୱ ସକ୍ରିୟ ସଂକ୍ରମିତ ଥିବାବେଳେ ପ୍ରାୟ ସମସ୍ତ ରୋଗୀ ସଙ୍ଗରୋଧରେ ଘରେ ରହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଣବ ଶଙ୍କର ଦାଶ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ, ସଂକ୍ରାମକ ରୋଗ ଚିକିତ୍ସାଳୟ ମେଡିକାଲ ଅଧିକାରୀ ଉତ୍ପଳ ନନ୍ଦୀ, ଡିପିଏମ୍‌ଟି ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପୁରୀ ଜିଲାରୁ ଗତ ୨୪ ଘଣ୍ଟା ମଧରେ ୧୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ସହରରୁ ୫୧, ପୁରୀ ସଦର ୨୬, ସତ୍ୟବାଦୀ ୧୧, ପିପିଲି ୧୧, ବ୍ରହ୍ମଗିରି ୧୬ ଓ ଗୋପରୁ ୧୦ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି।

# ୧୭୨. ୫୬ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ

ପୁରୀ ଅଫିସ,୧୯।୧

**୫ ହଜାର ଟଙ୍କା, ୩ ମୋବାଇଲ ଫୋନ୍, ୨ ବାଇକ୍ ଜବତ**

- ଚଳିତ ବର୍ଷ ୧ କୋଟିର ବ୍ରାଉନସୁଗାର, ଗଞ୍ଜେଇ ଜବତ ହେଲାଣି
- ସୂଚନା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କଲା ପୁରୀ ପୋଲିସ



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଉଛନ୍ତି।

ଧଳାଜହର ବେପାରୀଙ୍କ ପେଣ୍ଠସ୍ଥଳୀ ପାଲଟିଛି ପୁରୀ। ବୁଧବାର ଏସ୍‌ଟିଏଫ୍ ଏବଂ ସମୁଦ୍ରକୂଳ ଥାନା ପୋଲିସ ମିଳିତ ଭାବେ ତାଳବଣିଆ ଆଇଟିଆଇ ଛକ ନିକଟରୁ ୧୭୨. ୫୬ ଗ୍ରାମ ବ୍ରାଉନସୁଗାର ସମେତ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ୩ଟି ମୋବାଇଲ ଫୋନ୍ ଓ ୨ଟି ବାଇକ୍ ଜବତ କରିଛି। ଏହି ଘଟଣାରେ ୩ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ସଦର ବ୍ଲକ ଛକ ଅଞ୍ଚଳର ସୁବାସ କୁମାର ଦାଶ (୩୮), ୱାଟର ୱାର୍କ୍ସ ରୋଡ୍‌ର ମାନସ ରଞ୍ଜନ ବାରିକ (୩୫) ଓ ତଳଜଙ୍ଗର ସମରେନ୍ଦ୍ର ପରିଡ଼ା (୨୧)। ଏମାନଙ୍କ ବିରୋଧରେ ଆଇପିସି ଧାରା ୨୧(ବି) ଓ ୨୯ ଏନ୍‌ଡିପିସି ଆକ୍ଟରେ ଏକ କେସ୍ (ନଂ. ୧୦/୨୦୨୨) ରୁଜୁ ହୋଇଛି। ସୂଚନାଯୋଗ୍ୟ, ପୁରୀ ସହର ତଥା ଆଖପାଖ ଅଞ୍ଚଳରେ ଅବାଧରେ ବ୍ରାଉନସୁଗାର ବିକ୍ରି ଓ ସେବନ ଚାଲିଛି। ଏହି କାରବାରରେ ମହିଳା ଓ ଯୁବକ ସାମିଲ ହେଉଛନ୍ତି। ଚଳିତବର୍ଷ ପୁରୀ ପୋଲିସ ପକ୍ଷରୁ ୯୭୨.୯୨୬ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହ ୮ଟି ମାମଲା ରୁଜୁ କରାଯାଇ ୨୦ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଚଳିତ ବର୍ଷ ୫୨.୨୦୦ କେଜି ଗଞ୍ଜେଇ ଜବତ ହୋଇଛି ଓ ୩ଟି ମାମଲାରେ ୬ଜଣ ଗିରଫ ହୋଇଛନ୍ତି। ଚଳିତବର୍ଷ ଜାନୁୟାରୀ ୧ରୁ ଏପର୍ଯ୍ୟନ୍ତ ୧କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ନିଶାଦ୍ରବ୍ୟ ଜବତ ହୋଇଛି। ପୁରୀ ପୋଲିସ ପକ୍ଷରୁ ଏ ନେଇ ଏକ ହେଲ୍ପଲାଇନ୍ ନମ୍ବର ୭୭୩୫୮୪୮୮୬୭ ଜାରି ହୋଇଛି। ଏହି ନମ୍ବରରେ କଲ୍ କରି ନିଶାଦ୍ରବ୍ୟ ବିକ୍ରି ଓ ସେବନ ସମ୍ପର୍କିତ ସୂଚନା ପୋଲିସକୁ ଦେବା ପାଇଁ ନାଗରିକଙ୍କୁ ଅପିଲ୍ କରାଯାଇଛି। ସୂଚନାଦାତାଙ୍କ ପରିଚୟ ଓ ସୂଚନା ଗୁପ୍ତ ରଖାଯିବ ବୋଲି ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା କହିଛନ୍ତି।

### ଜିଲା ପରିଷଦ ଆସନ ପାଇଁ ୩୬ ନାମାଙ୍କନ ଦାଖଲ

ପୁରୀ ଅଫିସ,୧୯।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ବୁଧବାର ତୃତୀୟ ଦିନରେ ୨୩୩ ସମିତି ସଭ୍ୟ, ୩୬ ଜିଲା ପରିଷଦ ସଭ୍ୟ, ୨୨୧୮ ୱାର୍ଡମେମ୍ବର ଓ ୩୮୪ ଜଣ ସରପଞ୍ଚ ଆସନ ପାଇଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜିଲା ପରିଷଦ ଆସନ ପାଇଁ ଡେଲାଙ୍ଗ ବ୍ଲକରୁ ୩ଜଣ, ପୁରୀ ସଦରରୁ ଜଣେ, କୃଷ୍ଣପ୍ରସାଦରୁ ୨ଜଣ, ସତ୍ୟବାଦୀରୁ ୪ଜଣ, କଣାସରୁ ୨ଜଣ, କାକଟପୁରରୁ ୨ଜଣ, ବ୍ରହ୍ମଗିରିରୁ ଜଣେ, ଅସ୍ତରଙ୍ଗରୁ ୪ ଜଣ, ପିପିଲିରୁ ୫ ଜଣ, ନିମାପଡ଼ାରୁ ୮ ଜଣ ଓ ଗୋପରୁ ୪ ଜଣ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ଚାଲୁ ରହିବା ସହ ୨୨ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଜିଲା ପ୍ରଶାସନ ସ୍ପଷ୍ଟ କରିଛି।

### ପ୍ରାର୍ଥୀପତ୍ର ଦାଖଲ କଲେ ୪୦୮

କଣାସ, ୧୯।୧ (ସ୍ୱ.ପ୍ର)

ତ୍ରିସ୍ତରୀୟ ନିର୍ବାଚନ ପାଇଁ କଣାସ ବ୍ଲକରେ ୧୭ ତାରିଖରୁ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡମେମ୍ବର ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି। ତୃତୀୟ ଦିନରେ ୪୦୮ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରଥମ ଦିନ ତାରିଖ ଦିନ ୮ଜଣ ସରପଞ୍ଚ, ୪ଜଣ ସମିତିସଭ୍ୟ ଏବଂ ୬୮ ଜଣ ୱାର୍ଡସଭ୍ୟ ଲାଗି ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଦ୍ୱିତୀୟ ଦିନରେ ୩ଜଣ ସରପଞ୍ଚ, ୪ ଜଣ ସମିତିସଭ୍ୟ ଏବଂ ସଭ୍ୟ ପାଇଁ ୪୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୧୯ ତାରିଖ ଦିନରେ ୫୨ ଜଣ ସରପଞ୍ଚ, ୨୧ ଜଣ ସମିତି ସଭ୍ୟ ଏବଂ ୨୦୫ ଜଣ ୱାର୍ଡସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏ ନେଇ କଣାସ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଲୋଚନ ଦାସ ସୂଚନା ଦେଇଛନ୍ତି।

### ହୋର୍ଡିଂ ହଟାଇଲା ପ୍ରଶାସନ

ସାକ୍ଷୀଗୋପାଳ/କଣାସ, ୧୯।୧(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ଅଞ୍ଚଳରୁ ସମସ୍ତ ରାଜନୈତିକ ନେତାଙ୍କ ଫଟୋ ଥିବା ହୋର୍ଡିଂକୁ ବୁଧବାର ହଟାଇ ଦେଇଛି। ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ବସଷ୍ଟାଣ୍ଡ, ମେଡିକାଲ ଛକ, ଗେଟ୍ ବଜାର, ବଡ଼ ବଜାର ଓ ବ୍ଲକ ଛକରୁ ଶତାଧିକ ହୋର୍ଡିଂ ନଷ୍ଟ କରିଦେଇଥିଲେ। ସେହିପରି କଣାସ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂଗୁଡ଼ିକୁ ତହସିଲଦାର ଲକ୍ଷ୍ମୀଧର ମହାରଣା, ବିଡିଓ ଲୋଚନ ଦାସଙ୍କ ଉପସ୍ଥିତିରେ ହଟାଇ ନିଆଯାଇଛି।

### ବେଆଇନ ଜମିରେ ଅଙ୍ଗନୱାଡି ଗୃହ



ଗୋପ,୧୯।୧ (ଡି.ଏନ୍.ଏ.)

ଗୋପ ବ୍ଲକର ବାୟାକୁଦା ନିକଟରେ ନିର୍ମାଣାଧୀନ ଏକ ଅଙ୍ଗନୱାଡି କେନ୍ଦ୍ର ବେଆଇନ ବୋଲି ସୂଚନା ଅଧିକାର ଆଇନ ତଥ୍ୟ ଆଧାରରେ ଜଣାପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅଙ୍ଗନୱାଡି ଗୃହ ନିର୍ମାଣ ଲାଗି ୭ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଏକ ଜମିରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଚାଲିଛି। ତେବେ ଉକ୍ତ ଜମିକୁ ନେଇ ଗୋପ ଅଞ୍ଚଳର ଜଣେ ଯୁବକ ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ମାଗିବା ପରେ ଏହା ବେଆଇନ୍ ବୋଲି ତହସିଲଦାର ରିପୋର୍ଟ ଦେଇଛନ୍ତି। ତହସିଲଦାରଙ୍କ ଚିଠି ନଂ ୬୩, ୫।୧।୨୦୨୨ରେ ତଥ୍ୟ ଅନୁଯାୟୀ, ପ୍ରଥମରେ ବାୟାକୁଦା ଖାତା ନଂ ୨୪୯, ପ୍ଲଟ୍ ନମ୍ବର ୨୮୪, କିସମ- ଗୋଚର ଜମିରେ ଗୃହ ନିର୍ମାଣ କରାଯାଇଛି। ଏଥିଲାଗି ତହସିଲ କାର୍ଯ୍ୟାଳୟରୁ ସୁପାରିସ ପତ୍ର ଦିଆଯାଇ ନାହିଁ। ଏହା ତହସିଲଦାରଙ୍କ ନଜରକୁ ଆସିବା ପରେ ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯାଇଛି। ଗୋଚର ଜମିରେ କୌଣସି ଗୃହ ନିର୍ମାଣ ହୋଇପାରିବ ନାହିଁ ବୋଲି ସରକାରୀ ନିୟମ ଥିବାବେଳେ କିପରି ପ୍ରଶାସନିକ ଅଧିକାରୀମାନେ ଏହାକୁ ଉଲ୍ଲଂଘନ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ମାଣାଧୀନ ଜମିରେ ଡିପିସି ଲେଭୁଲ ପର୍ଯ୍ୟନ୍ତ ଗୃହ ନିର୍ମାଣ କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏ ସମ୍ପର୍କରେ ତହସିଲଦାର ଏସ୍.କେ. ସାଗର କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଥ୍ୟ ପ୍ରଦାନ କରାଯାଇଛି। ଜିଲାପାଳଙ୍କୁ ଏ ନେଇ ଅବଗତ କରାଯାଇଛି।